# ECHO OF HIS CALL

## ଯୀଶୁ ଖ୍ରୀଷ୍ଟଙ୍କର ଆହ୍ୱାନର ପ୍ରତିଧ୍ୱନି ODIA

ECHO OF HIS CALL 1969-2019 GOLDEN JUBILEE

India's National Spiritual Newspaper

₹ 10/-

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIYA, ASSAMESE, PUNJABI, NEPALI, URDU, SINHALA & AFRIKAANS

Editor : S. SAM SELVA RAJ | 16 Languages | Associate Editor : Sis. Surama Samuel

Vol. XXII | YEAR OF OUR LORD JESUS CHRIST, JUNE 2021 | No. 5


### ପବିତ୍ର ବାଇବଲ

(ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)

(ଦ୍ୱିତୀୟ ବିବରଣ ୨୮:୧-୮)

୧ ଯେଉଁ ଜନ ସର୍ବୋପରିସ୍ଥଙ୍କ ଆବୃତ ସ୍ଥାନରେ ବାସ କରେ, ସେ ସର୍ବଶକ୍ତିମାନଙ୍କ ଛାୟା ତଳେ ବସତି କରିବ ।

୨ ମୁଁ ସଦାପ୍ରଭୁଙ୍କ ବିଷୟରେ କହିବି, ସେ ମୋହର ଆଶ୍ରୟ ଓ ମୋହର ଦୁର୍ଗ; ମୋହର ପରମେଶ୍ୱର, ମୁଁ ତାହାଙ୍କଠାରେ ନିର୍ଭର ରଖେ ।

୩ କାରଣ ସେ ତୁମ୍ଭକୁ ବ୍ୟାଧର ଫାନ୍ଦରୁ ଓ ସର୍ବନାଶକ ମହାମାରୀରୁ ରକ୍ଷା କରିବେ ।

୪ ସେ ଆପଣା ପକ୍ଷରେ ତୁମ୍ଭକୁ ଆବୋରିବେ ଓ ତାହାଙ୍କ ଡେଣା ତଳେ ତୁମ୍ଭେ ଆଶ୍ରୟ ନେବ; ତାହାଙ୍କ ସତ୍ୟତା ଢାଲ ଓ ଫଳକ ସ୍ୱରୂପ ଅଟେ ।

୫ ତୁମ୍ଭେ ରାତ୍ରିର ତ୍ରାସ, କିଅବା ଦିବସର ଉଡ଼ନ୍ତା ତୀର,

୬ ଅନ୍ଧକାରଗାମୀ ମହାମାରୀ, କିଅବା ମଧ୍ୟାହ୍ନରେ ବିନାଶକ ସଂହାର ବିଷୟରେ ଭୀତ ହେବ ନାହିଁ ।

୭ ତୁମ୍ଭ ପାର୍ଶ୍ୱରେ ସହସ୍ର ଓ ତୁମ୍ଭ ଦକ୍ଷିଣ ପାଖରେ ଅୟୁତ ଲୋକ ପଡ଼ିବେ; ମାତ୍ର ତାହା ତୁମ୍ଭ କତିକି ଆସିବ ନାହିଁ ।

୮ ତୁମ୍ଭେ କେବଳ ସ୍ୱଚକ୍ଷୁରେ ନିରୀକ୍ଷଣ କରିବ ଓ ଦୁଷ୍ଟମାନଙ୍କର ପ୍ରତିଫଳ ଦେଖିବ ।

୯ କାରଣ, ହେ ସଦାପ୍ରଭୋ, ତୁମ୍ଭେ ମୋହର ଆଶ୍ରୟ । ସର୍ବୋପରିସ୍ଥଙ୍କୁ ତୁମ୍ଭେ ଆପଣା ବାସସ୍ଥାନ କରିଅଛ ।

୧୦ ତୁମ୍ଭକୁ କୌଣସି ବିପଦ ଘଟିବ ନାହିଁ, କିଅବା କୌଣସି ମାରୀ ତୁମ୍ଭ ତମ୍ବୁ ନିକଟକୁ ଆସିବ ନାହିଁ ।

# ଈଶ୍ୱରଙ୍କ ପୂର୍ଣ୍ଣତାରେ ପରିପୂର୍ଣ୍ଣ ହୁଅନ୍ତୁ

## Be filled with the fullness of God

ମୁଖ୍ୟ ଉପାସନାଳୟରେ ପାଳକ ଏସ୍.ସାମ୍ ସେଲ୍‌ଭାରାଜ୍‌ଙ୍କ ଦ୍ୱାରା ପ୍ରଦତ୍ତ ବାର୍ତ୍ତା

**"...ସମସ୍ତ ବୋଧର ଅଗମ୍ୟ ଯେ ଖ୍ରୀଷ୍ଟଙ୍କ ପ୍ରେମ, ତାହା ଜ୍ଞାତ ହୁଅ ... ଆଉ ଏହି ପ୍ରକାରେ ଈଶ୍ୱରଙ୍କର ସମସ୍ତ ପୂର୍ଣ୍ଣତାରେ ପରିପୂର୍ଣ୍ଣ ହୁଅ" (ଏଫିସୀୟ ୩:୧୮-୧୯) ।**

*"ଯେପରି ସେ ଆପଣା ଗୌରବ ନିଧି ଅନୁସାରେ ଆପଣା ଆତ୍ମାଙ୍କ ଦ୍ୱାରା ତୁମ୍ଭମାନଙ୍କୁ ଆନ୍ତରିକ ପୁରୁଷରେ ଶକ୍ତିପ୍ରାପ୍ତ ହୋଇ ବଳବାନ୍ ହେବାକୁ ଦିଅନ୍ତି, ପୁଣି ବିଶ୍ୱାସ ଦ୍ୱାରା ଖ୍ରୀଷ୍ଟ ତୁମ୍ଭମାନଙ୍କ ହୃଦୟରେ ବାସ କରନ୍ତି, ଯେପରି ତୁମ୍ଭେମାନେ ପ୍ରେମରେ ବଦ୍ଧମୂଳ ଓ ଦୃଢ଼ ରୂପେ ସ୍ଥାପିତ ହୋଇ ବୋଧର ଅଗମ୍ୟ ଯେ ଖ୍ରୀଷ୍ଟଙ୍କ ପ୍ରେମ, ତାହା ଜ୍ଞାତ ହୁଅ ଏବଂ ସମସ୍ତ ସାଧୁଙ୍କ ସହିତ ସେଥିରେ ଦୈର୍ଘ୍ୟ ଓ ପ୍ରସ୍ଥ, ଉଚ୍ଚତା ଓ ଗଭୀରତା ବୁଝିବାକୁ ଶକ୍ତିପ୍ରାପ୍ତ ହୁଅ । ଆଉ ଏହି ପ୍ରକାରେ ଈଶ୍ୱରଙ୍କ ସମସ୍ତ ପୂର୍ଣ୍ଣତାରେ ପରିପୂର୍ଣ୍ଣ ହୁଅ" (ଏଫିସୀୟ ୩:୧୬-୧୯) ।*

*"... ଯେପରି ଆମ୍ଭେମାନେ ଆଉ ଶିଶୁ ପରି ନ ହୋଇ ମନୁଷ୍ୟମାନଙ୍କ ଶଠତା ଓ ଭ୍ରାନ୍ତିଯୁକ୍ତ କଳ୍ପନା*

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)

## ଗୋଟିଏ ପ୍ରେମପୂର୍ଣ୍ଣ ଅନୁରୋଧ (A LOVING REQUEST)

ଆମକୁ କର୍ମଚାରୀମାନଙ୍କର ଦରମା, କାଗଜ କିଣିବା ପାଇଁ ଖର୍ଚ୍ଚ ଓ ଯାତ୍ରା ଖର୍ଚ୍ଚ, ଇତ୍ୟାଦି ଭଳି ଅନେକ ଆବଶ୍ୟକତା ପୂରଣ କରିବାକୁ ପଡୁଥିବାରୁ, ଆମେ ଅତି ଚାପଗ୍ରସ୍ତ ଅଛୁ । ସାଧାରଣ ଭାବରେ, ଆମେ କାହାରିକୁ ଅର୍ଥ ସହାୟତା ମାଗି ନ ଥାଉ । ମାତ୍ର ଯେଉଁମାନେ ଏହି ସେବାକାର୍ଯ୍ୟକୁ ପ୍ରେମ କରନ୍ତି, ସେମାନେ ଯେପରି କିଛି ଦାନ ମନି ଅର୍ଡର, ଚେକ୍, ଡିମାଣ୍ଡଡ୍ରାଫ୍ଟ, **Paypal, PhonePe, Gpay (9841071858)** କିମ୍ବା ଏନିଏଫ୍‌ଟି ମାଧ୍ୟମରେ ଆମ ନିକଟକୁ ପ୍ରେରଣ କରିବେ, ଏଥିପାଇଁ ଆମେ ସେମାନଙ୍କୁ ବିଶେଷ ଅନୁରୋଧ କରୁଅଛୁ । ପ୍ରଭୁ ନିଶ୍ଚୟ ଆପଣମାନଙ୍କୁ ଆଶୀର୍ବାଦ କରିବେ ।

**"... ଭାଇ ଦୁର୍ଦ୍ଦଶା କାଳ ନିମନ୍ତେ ଜାତ ଅଟେ ।"**
**ହିତୋପଦେଶ ୧୭:୧୭**


ସଂପାଦକ, ଆହ୍ୱାନର ପ୍ରତିଧ୍ୱନି
98412 71858 / 98410 71858
E-mail : sam@echoofhiscall.org

# ECHO OF HIS CALL - (1969-2019 GOLDEN JUBILEE YEAR)

(ECHO GROUP)



## from your dearly beloved brother...

"ଆମ୍ଭେ ତୁମ୍ଭ ଗୃହର ... ଉତ୍ତମ ଦ୍ରବ୍ୟରେ ପରିତୃପ୍ତ ହେବା"
(ଗୀତ ୬୫:୪) ।



### ପ୍ରଭୁରେ ପ୍ରିୟ ଭାଇ ଓ ଭଉଣୀମାନେ,

ମୁଁ ଆମର ପ୍ରେମମୟ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କର ଧନ୍ୟବାଦ ଓ ପ୍ରଶଂସା କରିବା ପାଇଁ ମୋ' ପରିବାର ଓ ସେବାକାର୍ଯ୍ୟର ସଦସ୍ୟମାନଙ୍କ ସହିତ ହାତ ମିଶାଉଅଛି ।

ହଁ, ଈଶ୍ୱର ଆମ ଜୀବନର ପ୍ରତ୍ୟେକଟି ବିଷୟରେ ଆମ ପ୍ରତି ଉତ୍ତମ ହୋଇଛନ୍ତି । ସେ ଆମକୁ ଆମର ପ୍ରତ୍ୟେକଟି ପ୍ରତିକୂଳ ପରିସ୍ଥିତିରେ ଆବଶ୍ୟକୀୟ ବିଷୟ ଯୋଗାଇ ନିଜ ଶକ୍ତି ଦ୍ୱାରା ଶକ୍ତିଯୁକ୍ତ କରିଛନ୍ତି । ଆମେ ଗତ ମାସ କୋଭିଡ - ୧୯ ଦ୍ୱାରା ସଂକ୍ରମିତ ହେବା ସମୟରେ, ସେ ଆମ ପରିବାରକୁ ସୁରକ୍ଷା ଦେଇଥିଲେ । ଆମର କ୍ଲେଶ ସମୟରେ ଆମ ସହିତ ଠିଆ ହୋଇଥିବା ଓ ଆମକୁ ସେମାନଙ୍କ ପ୍ରାର୍ଥନାରେ ତୋଳି ଧରିଥିବା ଆମର ଭାଇ ଭଉଣୀମାନଙ୍କ ପ୍ରତି ଆମେ କୃତଜ୍ଞ ଅଟୁ ।

ଆମ ସେବାକାର୍ଯ୍ୟର ଏହି କଠିନତମ ବର୍ଷ ଗୁଡ଼ିକରେ ଆମର ବିଭିନ୍ନ ଆବଶ୍ୟକତା ପୂରଣ କରିବା ପାଇଁ ଆମ ସହିତ ସେମାନଙ୍କ ପ୍ରାର୍ଥନା ଓ ଅର୍ଥ ସହାୟତା ମାଧ୍ୟମରେ ଠିଆ ହୋଇଥିବା ଆମର ଭାଇ ଓ ଭଉଣୀମାନଙ୍କ ନିମନ୍ତେ ଆମେ ଈଶ୍ୱରଙ୍କୁ ଧନ୍ୟବାଦ ଦେଉଅଛୁ । ଆମେ ଆମର କର୍ମଚାରୀମାନଙ୍କର ଦରମା, କାଗଜ କିଣା, ଇତ୍ୟାଦି ଭଳି ବିଭିନ୍ନ ଆବଶ୍ୟକତା ପୂରଣ ନିମନ୍ତେ ଆମେ ଚାପଗ୍ରସ୍ତ ଅଛୁ । ସାଧାରଣ ଭାବରେ, ଆମେ ଆମର ଅର୍ଥ ନୈତିକ ଆବଶ୍ୟକତା ପୂରଣ ପାଇଁ କାହାରିଠାରୁ ଅର୍ଥ ମାଗି ନ ଥାଉ । ମାତ୍ର ଏହି ସେବାକାର୍ଯ୍ୟକୁ ପ୍ରକୃତରେ ପ୍ରେମ କରୁଥିବା ଲୋକମାନଙ୍କୁ ସେମାନଙ୍କର ଦାନ **ମନି ଅର୍ଡର, ଚେକ୍, ଡିମାଣ୍ଡଡ୍ରାଫ୍ଟ, NEFT, Paypal (Sam Selva Raj, Sam@echoofhiscall.org), Phone Pe (9841071858), GPay (9841071858), Western Union, MoneyGram** କିମ୍ୱା ଅନ୍ୟ ଯେ କୌଣସି ମାଧ୍ୟମରେ ପ୍ରେରଣ କରି ଏହି ସେବାକାର୍ଯ୍ୟରେ ଆମକୁ ସହାୟତା ପ୍ରଦାନ କରିବା ପାଇଁ ଆମେ ଅନୁରୋଧ କରୁଅଛୁ । ଆପଣମାନେ ଆପଣମାନଙ୍କର ସହାୟତା ପ୍ରେରଣ କରିବା ସମୟରେ, ଦୟାକରି ଆମକୁ SMS କିମ୍ୱା WhasApp କିମ୍ୱା ଫୋନ୍ ମାଧ୍ୟମରେ ଜଣାଇ ଦିଅନ୍ତୁ । ଯେଉଁମାନେ ଆମକୁ ସାହାଯ୍ୟ କରୁଛନ୍ତି, ସେମାନଙ୍କୁ ବହୁତ ବହୁତ ଧନ୍ୟବାଦ । ପ୍ରଭୁ ସେମାନଙ୍କୁ ବହୁଳ ଭାବରେ ଆଶୀର୍ବାଦ କରନ୍ତୁ ।

ବର୍ତ୍ତମାନ ସମୟରେ, ଭାରତ ସରକାର ଆମର ଓଭରସିଜ୍ ବ୍ୟାଙ୍କ୍ ଏକାଉଣ୍ଟକୁ ବନ୍ଦ କରି ଦେଇଛନ୍ତି ଓ ଆମେ ନୂତନ ଆକାଉଣ୍ଟ ନମ୍ବରକୁ ଅପେକ୍ଷା କରୁଅଛୁ । ସେଥିପାଇଁ, ସେ ପର୍ଯ୍ୟନ୍ତ ଆପଣମାନେ ଆମ ନିକଟକୁ ନିମ୍ନ ବ୍ୟାଙ୍କ୍ ଆକାଉଣ୍ଟରେ ଅର୍ଥ ପ୍ରେରଣ କରିପାରିବେ :

**SAM SELVARAJ,**
**STATE BANK OF INDIA,**
**Triplicame Branch, Chennai,**
**Account No - 10232934679,**
**IFSC Code : SBIN 0000249,**
**SWIFT Code : SBININBB455.**

ଆମେ ଆପଣମାନଙ୍କୁ ଅତ୍ୟଧିକ ପ୍ରେମ କରୁ । ଆପଣମାନେ ଗତ ୫୦ ବର୍ଷ ଧରି ଆମ ସହିତ ଥିବାରୁ ଆମେ ଖୁସି ଅଟୁ । ସେଥିଯୋଗୁ ଆମେ ଆମର ପତ୍ରିକା କାର୍ଯ୍ୟ, ବାଇବଲ କୋର ଡାକ ଯୋଗେ ପାଠ୍ୟକ୍ରମ, ଥିଓଲୋଜିକାଲ୍ କରେସ୍‌ପଣ୍ଡେସ୍ ପାଠ୍ୟକ୍ରମ, ନିହିମିୟା ବାଇବଲ କଲେଜ, ମଣ୍ଡଳୀସମୂହ, ଇତ୍ୟାଦିର କାର୍ଯ୍ୟଗୁଡ଼ିକୁ ନିର୍ବିଘ୍ନରେ କରି ଚାଲିଛୁ ।

ଆପଣମାନଙ୍କଠାରୁ ଶୁଣିବା ପାଇଁ ଆଶା କରୁଛୁ । "ଯେଉଁ ମନୁଷ୍ୟ ସଦାପ୍ରଭୁଙ୍କ ଉପରେ ନିର୍ଭର କରେ, ପୁଣି ସଦାପ୍ରଭୁ ଯାହାର ବିଶ୍ୱାସଭୂମି ଅଟନ୍ତି, ସେ ଧନ୍ୟ, କାରଣ ସେ ଜଳ ନିକଟରେ ରୋପିତ ଓ ନଦୀ କୂଳରେ ବିସ୍ତୃତ - ମୂଳ ବୃକ୍ଷ ତୁଲ୍ୟ ହେବ ଓ ଗ୍ରୀଷ୍ମ ଉପସ୍ଥିତ ହେବା ବେଳେ ସେ ଭୟ କରିବ ନାହିଁ, ମାତ୍ର ତାହାର ପତ୍ର ସତେଜ ହେବ, ଆଉ, ଅନାବୃଷ୍ଟିର ବର୍ଷରେ ସେ ଚିନ୍ତିତ ହେବ ନାହିଁ, କିଅବା ତାହାର ଫଳ ଫଳିବାର ନିବୃତ୍ତ ହେବ ନାହିଁ" (ଯିରିମିୟ ୧୭:୭,୮) ।

**OUR MISSION POLICY**
We should expound and teach the contemporary generation the undiluted teachings of the ancient and early Apostles. It is the need of the hour.


**CHIEF EDITORS**
Pastor S. Sam Selva Raj
Angeline Selvakumari Henry, M.A., M.Ed.

**MANAGING EDITOR**
Pastor Alex Samson Sam, B.Th., M.Div.

**EDITORIAL BOARD**
Sis. Jesy Veena Sam
Bro. M. Paul Raj, M.A., B.Ed.
Sis. Serena Bevin, M.A., M.Phil., B.Ed.

**CORE ADVISORS**
Aud. K. Puratchivendan, M.Com., B.L.
Er. C.G.S. Babu Rao, B.Tech., M.Tech (DM)
Dr. S. Rabinder Boaz, M.S.
Dr. J.R. Jeyabalan
Adv. N. Balaji, B.Com., B.L.
Sis. Ajitha Mary, M.A.

**PUBLISHER, PRINTER & PROPRIETOR**
Pastor S. SAM SELVA RAJ
Echo of His Call Printers
10, Mohammed Abdullah 2nd Street,
Chepauk, Chennai- 600 005, India.
Phone : (+ 91- 44) 2852 8282, 2852 9293, 2854 7766
Cell : (+91) 98410 71852, 95661 31858

**E.Mail ID**
sam@echoofhiscall.org
biblecor@yahoo.co.in

**WEBSITES**
www.echoofhiscall.org /
www.echoofhiscall.com



**Our Ministries:** ECHO OF HIS CALL Monthly Magazines (16 languages) BIBLECOR - Postal Courses (3 languages) Theological Correspondence Courses (2 languages) Church Planting Nehemiah Bible Colleges Gospel Printing Press Great Commission Partners St. Paul's Matriculation School Crusades Community Development

କୋଭିଡ୍-୧୯ ଭୂତାଣୁ ଦ୍ୱିତୀୟ ଲହର ଭାବରେ ପ୍ରଥମ ଲହର ଅପେକ୍ଷା ଅଧିକ ଭୟଙ୍କର ଓ ଧ୍ୱଂସାତ୍ମକ ରୂପରେ ସମଗ୍ର ଦେଶ ମଧ୍ୟରେ ଅତିଶୀଘ୍ର ବ୍ୟାପିବାରେ ଲାଗିଛି । ଭାରତ, ଆମେରିକା, ବ୍ରିଟେନ ଓ ଅଧିକାଂଶ ୟୁରୋପୀୟ ଦେଶଗୁଡ଼ିକ ଶୋଚନୀୟ ଭାବରେ ଆକ୍ରାନ୍ତ ହୋଇଛନ୍ତି । ଏହି ବିଷାଦ ସମୟରେ, ଭୂତାଣୁର ସଂକ୍ରମଣକୁ ରୋକିବା ପାଇଁ ଓ ସବୁଦିନ ନିମନ୍ତେ ଏହାକୁ ଦୂର କରିବା ପାଇଁ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିବା ବ୍ୟତୀତ ଆମ ନିକଟରେ ଅନ୍ୟ କୌଣସି ଉପାୟ ନାହିଁ ।

ଆମେ ସଦାପ୍ରଭୁଙ୍କ ଡେଣା ତଳେ ଆପଣମାନଙ୍କର ସୁରକ୍ଷା ପାଇଁ ନିରନ୍ତର ପ୍ରାର୍ଥନା କରୁଅଛୁ । ‘‘...ସେ ତୁମ୍ଭକୁ ବ୍ୟାଧର ଫାନ୍ଦରୁ ଓ ସର୍ବନାଶକ ମହାମାରୀରୁ ରକ୍ଷା କରିବେ’’ (ଗୀତ ୯୧:୩) । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରନ୍ତୁ ।

**ଖ୍ରୀଷ୍ଟ ଯୀଶୁରେ ଆପଣମାନଙ୍କର ସେବକଗଣ,**
**ପାଳକ ଏସ୍. ସାମ୍ ସେଲ୍‌ଭାରାଜ୍ ଓ ଆଲେକ୍ସ ସାମସନ୍ ସାମ୍**
**(+91) 98412 71858 / 98410 71858**
**E-mail: sam@echoofhiscall.org**

*(୧ମ ପୃଷ୍ଠାର ଅବଶିଷ୍ଟାଂଶ)*

***ଅନୁସାରେ ଧୂର୍ତ୍ତତା ଦ୍ୱାରା ବିଭିନ୍ନ ଶିକ୍ଷାରୂପ ବାୟୁରେ ଇତସ୍ତତଃ ଚାଳିତ ନ ହେଉ, କିନ୍ତୁ ସତ୍ୟ ଅବଲମ୍ବନ କରି ମସ୍ତକ ସ୍ୱରୂପ ଯେ ଖ୍ରୀଷ୍ଟ, ତାହାଙ୍କ ଉଦ୍ଦେଶ୍ୟରେ ସର୍ବ ବିଷୟରେ ପ୍ରେମରେ ବୃଦ୍ଧି ପାଉ’’ (ଏଫିସୀୟ ୪:୧୪,୧୫) ।***

## ଖ୍ରୀଷ୍ଟିୟ ଜୀବନ – ପ୍ରଥମ ପଦକ୍ଷେପ




ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ଆମର ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରିବା, ବାପ୍ତିଜିତ ହେବା ଓ ମଣ୍ଡଳୀରେ ଯୋଗ ଦେବା – ଏହି ସମସ୍ତ ଖ୍ରୀଷ୍ଟିୟ ଜୀବନର ପ୍ରଥମ ପଦକ୍ଷେପ ଅଟେ । ଅନେକ ଲୋକ ଏହି ପ୍ରଥମ ପଦକ୍ଷେପରେ ଅଟକି ଯାଆନ୍ତି । ସେମାନେ ଜଣେ ଖ୍ରୀଷ୍ଟିଆନ ହେବାର ସମସ୍ତ ବାହ୍ୟ ଔପଚାରିକତାକୁ ଅନୁସରଣ କରନ୍ତି । ଗୋଟିଏ ନାମ ମାତ୍ର ଖ୍ରୀଷ୍ଟିୟ ଜୀବନ କାଟିବା, ଯେପରି ଅଧିକାଂଶ ଖ୍ରୀଷ୍ଟିଆନ କରନ୍ତି, ସର୍ବଦା ବିପଜ୍ଜନକ ଅଟେ । ଏହା ଯେ କୌଣସି ସମୟରେ ବିପର୍ଯ୍ୟୟ ସୃଷ୍ଟି କରିପାରେ । ଏହି କାରଣରୁ ଆମେ ଦ୍ୱିତୀୟ ପଦକ୍ଷେପ ଦିଗରେ ଅଗ୍ରସର ହେବା ଉଚିତ । ବାଇବଲ କହେ ଯେ ଆମେ ଆଉ ଶିଶୁ ହୋଇ ନ ରହି, ମସ୍ତକ ସ୍ୱରୂପ ଯେ ଖ୍ରୀଷ୍ଟ, ତାହାଙ୍କଠାରେ ସମସ୍ତ ବିଷୟରେ ବୃଦ୍ଧି ପାଇବା ଉଚିତ୍ (ଏଫିସୀୟ ୪:୧୪,୧୫) । ସେଥିପାଇଁ ଆମକୁ ବୃଦ୍ଧି ପାଇବାକୁ ହେବ । ଯେଉଁଠାରେ ବୃଦ୍ଧି ନ ଥାଏ, ସେଠାରେ ସ୍ଥିରତା ଥାଏ ଓ ଶେଷରେ ଅବକ୍ଷୟ ଥାଏ । ଈଶ୍ୱର ଏକ ମହାନ୍ ଉଦ୍ଦେଶ୍ୟ ସହିତ ଆମକୁ ଆହ୍ୱାନ କରିଛନ୍ତି । ସେ ଆମକୁ ଗୋଟିଏ ମୁଖ୍ୟ ବ୍ୟକ୍ତି ଭାବରେ ଆହ୍ୱାନ କରି ନ ଥିଲେ । ଈଶ୍ୱର ଅବ୍ରହାମ୍‌ଙ୍କୁ ମୂର୍ତ୍ତିପୂଜକମାନଙ୍କ ମଧ୍ୟରୁ ଆହ୍ୱାନ କରିଥିଲେ ଓ ତାଙ୍କ ଠାରୁ ସମସ୍ତ ଜାତିଙ୍କୁ ଆଶୀର୍ବାଦ କରିବା ପାଇଁ ସନ୍ତୁଷ୍ଟ ହୋଇଥିଲେ । ସେ ଆପଣଙ୍କୁ ଓ ମୋତେ ମଧ୍ୟ ଏକ ମହାନ୍ ଉଦ୍ଦୀପନା ପାଇଁ ମନୋନୀତ କରିଛନ୍ତି । ସେଥିପାଇଁ, ପ୍ରଥମ ପଦକ୍ଷେପ ପରେ, ଆମ ନିଜ ନିଜକୁ ସଂପୂର୍ଣ୍ଣ ଭାବରେ ପ୍ରଭୁଙ୍କ ନିକଟରେ ଉତ୍ସର୍ଗ କରିବାକୁ ଓ ଖ୍ରୀଷ୍ଟ ଓ ତାଙ୍କ କାର୍ଯ୍ୟ ନିମନ୍ତେ ବଞ୍ଚିବା ପାଇଁ କିଛି ଦୃଢ଼ ନିଷ୍ପତ୍ତି ନେବାକୁ ହେବ ।

## ଖ୍ରୀଷ୍ଟିୟ ଜୀବନ – ଦ୍ୱିତୀୟ ପଦକ୍ଷେପ




ଦ୍ୱିତୀୟ ପଦକ୍ଷେପରେ, ଆମେ ତାଙ୍କଠାରେ ରୋପିତ ଓ ସ୍ଥାପିତ ହୋଇ ଓ ବିଶ୍ୱାସରେ ବଳିଷ୍ଠ ହୋଇ ତାଙ୍କୁ ଆମର ମୁଖ୍ୟ ଭାବରେ ଗ୍ରହଣ କରୁ । ଆମକୁ ଆମର ଦର୍ଶନ, ଆମର ଅନୁଭୂତି ଓ ପ୍ରାପ୍ତ ହୋଇଥିବା ଜ୍ଞାନ ମଧ୍ୟ ଦେଇ ଅଗ୍ରସର ହେବାକୁ ପଡ଼ିବ । ଆତ୍ମା ସ୍ପଷ୍ଟ ଭାବରେ କହନ୍ତି ଯେ ଆମକୁ ବୃଦ୍ଧି ପାଉଥିବା ସନ୍ତାନଗଣ ସଦୃଶ ହେବାକୁ ପଡ଼ିବ । ଈଶ୍ୱରଙ୍କର ଯେଉଁ ବାର୍ତ୍ତା, ମୁଁ ଆପଣମାନଙ୍କୁ ଜଣାଉଅଛି, ତାହା ଆପଣଙ୍କର ଆତ୍ମିକ ଜୀବନକୁ ଶକ୍ତିଯୁକ୍ତ କରିବ ଓ ଏହି ଜଗତରେ ତାଙ୍କ ପାଇଁ ମହତ୍ କାର୍ଯ୍ୟ କରିବା ନିମନ୍ତେ ଏକ ସୁଯୋଗ ଯୋଗାଇ ଦେବ ।

### ୧. ତାଙ୍କଠାରେ ରୋପିତ



‘‘ଅତଏବ, ଖ୍ରୀଷ୍ଟ ଯୀଶୁଙ୍କୁ ପ୍ରଭୁ ବୋଲି ଯେପରି ଗ୍ରହଣ କରିଅଛ, ତଦନୁସାରେ ତାହାଙ୍କ ସହଭାଗିତାରେ ଆଚରଣ କର, ତାହାଙ୍କଠାରେ ବଦ୍ଧମୂଳ ଓ ଗୁନ୍ଥା ହୋଇ ପ୍ରାପ୍ତ ଶିକ୍ଷାନୁସାରେ ବିଶ୍ୱାସରେ ନିଷ୍ଠାବାନ୍ ହୋଇ ଅଧିକ ଅଧିକ ଧନ୍ୟବାଦ ଦିଅ’’ (କଲସୀୟ ୨:୬-୭) ।

ଖ୍ରୀଷ୍ଟିୟାନ ଜୀବନ ଏକ କପଟପୂର୍ଣ୍ଣ ବାହ୍ୟ ଜୀବନ ନୁହେଁ । ଗୋଟିଏ ଖ୍ରୀଷ୍ଟିଆନ ଜୀବନ ଏପରି ଜୀବନ ଅଟେ ଯାହା ପ୍ରତିଦିନ ପରିବର୍ତ୍ତିତ ହୁଏ, ପରିବର୍ତ୍ତନ ମଧ୍ୟ ଦେଇ ଗତି କରେ ଓ ଗୋଟିଏ ବୃକ୍ଷ ସଦୃଶ ବୃଦ୍ଧି ପାଇବା ପାଇଁ ସମର୍ପିତ ଥାଏ । ଯେତେବେଳେ ଆମେ ଭୂମିରେ ଗୋଟିଏ ଉଦ୍ଭିଦ ରୋପଣ କରୁ, ସେତେବେଳେ ଏହା ମାଟିରୁ ଜଳ ଓ ଅନ୍ୟାନ୍ୟ ପୋଷଣ ଗ୍ରହଣ କରେ ଓ ବାୟୁ ଓ ଆଲୋକ ସହିତ ଏହା ଏକ ଯଥାର୍ଥ ଅଭିବୃଦ୍ଧି ପ୍ରାପ୍ତ ହୁଏ । ସେହିପରି ଭାବରେ, ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ଗ୍ରହଣ କରିଥିବା ଜଣେ ଖ୍ରୀଷ୍ଟିଆନ ତାଙ୍କଠାରେ ରୋପିତ ହେବା ଉଚିତ । ଥରେ ଆପଣ ଖ୍ରୀଷ୍ଟଙ୍କଠାରେ ଗଭୀର ଭାବେ ରୋପିତ ହେବା ପରେ, ଆପଣ ଜଗତର ଯେ କୌଣସି ଆହ୍ୱାନର ସମ୍ମୁଖୀନ ହୋଇପାରିବେ ଓ ଜଗତର ଭୟଙ୍କର ଝଡ଼ ଆପଣଙ୍କ ଉପରେ ଶକ୍ତି ପ୍ରଦର୍ଶନ କରିବ ନାହିଁ । ଆପଣ ଜୀବନରେ ସମସ୍ତ ସଂଘର୍ଷ, କଷ୍ଟ, ବିଶ୍ୱାସଘାତକତା ଓ ସନ୍ଦେହକୁ ପରାସ୍ତ କରିପାରିବେ । ଉଦ୍ଭିଦ ଆବଶ୍ୟକୀୟ ଖାଦ୍ୟ ପାଇବା ନିମନ୍ତେ ତା’ର ଚେରକୁ ଗଭୀରତା ମଧ୍ୟକୁ ପ୍ରେରଣ କରେ । ଠିକ୍ ସେହିପରି, ଆମକୁ ମଧ୍ୟ ଈଶ୍ୱରଙ୍କ ଜ୍ଞାନରେ ଗଭୀର ଭାବରେ ବୃଦ୍ଧି ପାଇବାକୁ ହେବ । ଶାଖାଗୁଡ଼ିକୁ ଦ୍ରାକ୍ଷାଲତା, ଅର୍ଥାତ୍, ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ସହିତ ଦୃଢ଼ ଭାବରେ ସଂଯୁକ୍ତ ହେବାକୁ ପଡ଼ିବ ।

ଆମେ ଈଶ୍ୱରଙ୍କ ଉପସ୍ଥିତିରେ ଯେତେ ଅଧିକ ଅପେକ୍ଷା କରିବା ଓ ତାଙ୍କ ପାଇଁ ଆମର ସମୟ ଦେବା, ଆମେ ସେତେ ଅଧିକ ପ୍ରଭୁଙ୍କଠାରେ ରୋପିତ ହେବା । ଆମେ ଯେତେ ଅଧିକ ଈଶ୍ୱରଙ୍କ ବାକ୍ୟ (ବାଇବଲ)କୁ ପ୍ରେମ କରିବା, ଏହାକୁ ପଢ଼ିବା ଓ ଆମ ଜୀବନରେ ଏହାକୁ ଅଭ୍ୟାସ କରିବା, ସେତେ ଅଧିକ ଆମେ ଖ୍ରୀଷ୍ଟଙ୍କଠାରେ ରୋପିତ ହେବା । ଆମକୁ ଆମର ବାଇବଲକୁ ପ୍ରେମ ଓ ଆଲିଙ୍ଗନ କରିବାକୁ ହେବ । ଏହାକୁ ରଖିବା ପାଇଁ ଏକ ଯଥାର୍ଥ ସ୍ଥାନ ରହିବା ଉଚିତ । ଆମେ ଟଙ୍କା ପଇସାକୁ ଏକ ନିରାପଦ ଓ ସୁରକ୍ଷିତ ସ୍ଥାନରେ ରଖିଥାଉ । ବାଇବଲକୁ କ୍ଷୟ ହୋଇ ଯାଉଥିବା ଟଙ୍କା ପଇସା ଅପେକ୍ଷା ଅଧିକ ଗୁରୁତ୍ୱ ଦିଆଯିବା ଉଚିତ୍ । ଆମେ ଖ୍ରୀଷ୍ଟଙ୍କଠାରେ ରୋପିତ ଲୋକମାନଙ୍କୁ ଦୁଇ ଭାଗରେ ବିଭକ୍ତ କରିପାରିବା :

(୧) ତାଙ୍କ ନିକଟରେ ନିଜ ନିଜ ଜୀବନକୁ ଉତ୍ସର୍ଗ କରୁଥିବା ଲୋକମାନେ ।

(୨) ପ୍ରଭୁଙ୍କ ନିକଟରେ ନିଜ ନିଜର ଇଚ୍ଛାକୁ ସମର୍ପଣ କରୁଥିବା ଲୋକମାନେ ।

ଯେ କେହି ନିଜର ଜୀବନକୁ ଈଶ୍ୱରଙ୍କ ନିକଟରେ ଉତ୍ସର୍ଗ କରେ ଓ ନିଜର ଚିନ୍ତା, ଇଚ୍ଛା ଓ ଭବିଷ୍ୟତ୍ ଯୋଜନାକୁ ସମର୍ପଣ କରେ, ସେ ହିଁ ପ୍ରଭୁଙ୍କଠାରେ ରୋପିତ ହୋଇଥାଏ । ଆପଣ ଖ୍ରୀଷ୍ଟଙ୍କଠାରେ ଯେତେ ଗଭୀର ଭାବେ ରୋପିତ ହେବେ, ସେତେ ଅଧିକ ପରିମାଣରେ ଆପଣ ତାଙ୍କ ପ୍ରତି ଉତ୍ସର୍ଗୀକୃତ ହେବେ, ସେତେ ଅଧିକ ପରିମାଣରେ ଆପଣଙ୍କ ଜୀବନର ଆବଶ୍ୟକତା ଗୁଡ଼ିକୁ ସମର୍ପଣ କରିବେ ଓ ପ୍ରଭୁଙ୍କ ଦ୍ୱାରା ପରିଚାଳିତ ହେବା ପାଇଁ ଈଶ୍ୱରଙ୍କ ଯୋଜନା ଉପରେ ନିର୍ଭର କରିବେ । ଗୋଟିଏ ଉଦ୍ଭିଦ କେବଳ ସେତେବେଳେ ବୃଦ୍ଧି ପାଇପାରେ ଯେତେବେଳେ ଏହା ସେହି ସମାନ ସ୍ଥାନରେ ଉପଯୁକ୍ତ ଖାଦ୍ୟ ପ୍ରାପ୍ତ ହୁଏ । ଯଦି ଆମେ ଉଦ୍ଭିଦଟିକୁ ବାରମ୍ବାର ଉପାଡ଼ି ଭିନ୍ନ ଭିନ୍ନ ସ୍ଥାନରେ ରୋପଣ କରିବା, ତେବେ ଏହା ବୃଦ୍ଧି ପାଇବ ନାହିଁ । ଆମ ଜୀବନରେ ମଧ୍ୟ ପବିତ୍ର ଆତ୍ମାଙ୍କ ସ୍ଥାୟୀ ଦାନ ଓ ବାସ୍ତବ ଅଭିବୃଦ୍ଧିକୁ ରଖିବାକୁ ହେଲେ, ଆମକୁ ଈଶ୍ୱରଙ୍କୁ ଦୃଢ଼ ଭାବରେ ଧରି ରଖିବାକୁ ହେବ ।

"ଅତଏବ, ହେ ଭାଇମାନେ, ମୁଁ ତୁମ୍ଭମାନଙ୍କୁ ଈଶ୍ୱରଙ୍କ ଦୟା ହେତୁ ବିନତି କରୁଅଛି, ତୁମ୍ଭେମାନେ ଆପଣା ଆପଣା ଶରୀରକୁ ସଜୀବ, ପବିତ୍ର ଓ ଈଶ୍ୱରଙ୍କ ସୁଗ୍ରାହ୍ୟ ବଳିରୂପେ ଉତ୍ସର୍ଗ କର, ଏହା ତ ତୁମ୍ଭମାନଙ୍କର ଯୁକ୍ତିଯୁକ୍ତ ଉପାସନା, ତୁମ୍ଭେମାନେ ଏହି ବର୍ତ୍ତମାନ ଯୁଗର ଅନୁରୂପୀ ହୁଅ ନାହିଁ, କିନ୍ତୁ ଯେପରି ତୁମ୍ଭେମାନେ ଈଶ୍ୱରଙ୍କ ଇଚ୍ଛା କଅଣ, ଅର୍ଥାତ୍ ଉତ୍ତମ, ସୁଗ୍ରାହ୍ୟ ଓ ସିଦ୍ଧ ବିଷୟ କଅଣ, ଏହା ପରୀକ୍ଷା କରି ଜାଣିପାର, ଏଥି ନିମନ୍ତେ ଆପଣା ଆପଣା ମନର ନୂତନୀକରଣ ଦ୍ୱାରା ପରିବର୍ତ୍ତିତ ହୁଅ" (ରୋମୀୟ ୧୨:୧,୨) ।

ପ୍ରଥମରେ, ଯଦି ଆପଣ ପ୍ରଭୁଙ୍କଠାରେ ରୋପିତ ହୋଇଛନ୍ତି, ତେବେ ଆପଣଙ୍କ ଶରୀରକୁ ଏକ ଜୀବନ୍ତ ବଳି ଭାବରେ ଉତ୍ସର୍ଗ କରନ୍ତୁ, ଅର୍ଥାତ୍ ନିଜ ଜୀବନକୁ ସଂପୂର୍ଣ୍ଣ ଭାବରେ ପ୍ରଭୁଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରନ୍ତୁ । ଦ୍ୱିତୀୟରେ, ନିଜର ଇଚ୍ଛା ଓ ଅଭିଳାଷ ନିକଟରେ ସମର୍ପିତ ହେବା ଦ୍ୱାରା ଏହି ଜଗତର ଅନୁରୂପୀ ହୁଅନ୍ତୁ ନାହିଁ । ଆମେ ଅନ୍ୟମାନଙ୍କୁ ଆମ ଜୀବନର ଆଦର୍ଶ ଭାବରେ ଗ୍ରହଣ କରି ଆମ ଜୀବନରେ ସେମାନଙ୍କ ଧାରା ଅନୁସରଣ କରିବା ଉଚିତ୍ ନୁହେଁ । ଆପଣଙ୍କୁ ଯୀଶୁ ଖ୍ରୀଷ୍ଟଙ୍କୁ ଆପଣଙ୍କର ଆଦର୍ଶ ଭାବରେ ଗ୍ରହଣ କରିବାକୁ ହେବ । ଖ୍ରୀଷ୍ଟଙ୍କଠାରେ ରୋପିତ ଜୀବନରେ ଏହି ସମସ୍ତ ବିଷୟ ରହିବ । କେବଳ ଏହାପରେ ଆପଣ ଫଳ ଦେବା ପାଇଁ ଓ ଅନ୍ୟମାନଙ୍କ ପ୍ରତି ଏକ ଆଶୀର୍ବାଦସ୍ୱରୂପ ହୋଇ ଏକ ସନ୍ତୁଷ୍ଟ ଜୀବନ କାଟିପାରିବେ ।

ବର୍ତ୍ତମାନ ଜଗତରେ, ଆମ ମଧ୍ୟରୁ ଅଧିକାଂଶଙ୍କ ନିକଟରେ ଏକ ସମାନ ପ୍ରକାରର ଦୈନିକ କାର୍ଯ୍ୟସୂଚୀ ଅଛି । ପ୍ରଭାତରେ ଆମେ ଉଠୁ, ଗୋଟିଏ ଛୋଟ ପ୍ରାର୍ଥନା କରୁ, ନିତ୍ୟ କର୍ମ ଶେଷ କରୁ, କିଛି ଖାଇ ଦେଇ ଆମର କାର୍ଯ୍ୟ କ୍ଷେତ୍ରକୁ ଚାଲିଯାଉ, ସନ୍ଧ୍ୟାରେ ଫେରି ପୁଣିଥରେ ପ୍ରାର୍ଥନା କରୁ ଓ ଏହାପରେ ଶୋଇପଡୁ । ବାଇବଲ ପଢ଼ିବା ପାଇଁ, ଉପାସନା କରିବା ପାଇଁ ଓ ଈଶ୍ୱରଙ୍କ ବିଷୟରେ ଓ ତାଙ୍କର ଆଶ୍ଚର୍ଯ୍ୟଜନକ ମାର୍ଗ ବିଷୟରେ ଭାବିବା ପାଇଁ ଆମ ପାଖରେ ସମୟ ନ ଥାଏ । ଆମେ ରବିବାର ଦିନ ଏକ ପବିତ୍ର ଜୀବନ କାଟୁ ମାତ୍ର ସପ୍ତାହର ଅନ୍ୟ ଦିନଗୁଡ଼ିକୁ ସେହିପରି କାଟି ନ ଥାଉ । ଏହା ଏକ ବିପଜ୍ଜନକ ଧାରା । କେବଳ ରବିବାର ପ୍ରଭୁଙ୍କୁ ପ୍ରାର୍ଥନା ଓ ଉପାସନା କରିବା ଈଶ୍ୱରଙ୍କର ସନ୍ତୋଷଜନକ ନୁହେଁ । ଏହା ଜାଗତିକ ଜୀବନର ଏକ ବାହ୍ୟ ପ୍ରଦର୍ଶନ, ଏକ ପ୍ରତାରଣାର ଜୀବନ ଅଟେ । ଆଜିର ଖ୍ରୀଷ୍ଟିଆନମାନେ ଏହିପରି ଏକ ଜୀବନରେ ସନ୍ତୁଷ୍ଟ ରହନ୍ତି । ଏହା ଯଥେଷ୍ଟ ନୁହେଁ । ଆପଣଙ୍କୁ ଯୀଶୁ ଖ୍ରୀଷ୍ଟଙ୍କଠାରେ ଗଭୀର ଭାବେ ରୋପିତ ହେବାକୁ ପଡ଼ିବ ।

ବାଇବଲ ଉପରେ ଲିଖିତ ପୁସ୍ତକଗୁଡ଼ିକୁ ପଢ଼ିବା ଉତ୍ତମ ଅଟେ, ମାତ୍ର ଏଗୁଡ଼ିକ ବାଇବଲର ଏକ ବିକଳ୍ପ ହେବା ଉଚିତ୍ ନୁହେଁ । ଏଗୁଡ଼ିକ କେବଳ ଅଧିକ ପଢ଼ିବା ପାଇଁ ସହାୟକ ପୁସ୍ତକ ହେବା ଉଚିତ । ଯେଉଁ ବ୍ୟକ୍ତି ବାଇବଲ ଉପରେ ଆଧାରିତ ଗୋଟିଏ ଦୈନିକ ଧ୍ୟାନ ପୁସ୍ତକ ଲେଖିଥାନ୍ତି, ସେ ନିଜର ଅନୁଭୂତିରୁ ମଧ୍ୟ କିଛି ଲେଖନ୍ତି । ମାତ୍ର ଏହା ସେହି ଦିନ ପାଇଁ ଯଥେଷ୍ଟ ନୁହେଁ । ଏହା କେବଳ ବାଇବଲ ବିଷୟରେ ପଢ଼ିବା ପାଇଁ ଓ ବାଇବଲର ରହସ୍ୟ ଜାଣିବା ପାଇଁ ଏକ ପୁସ୍ତକ ଅଟେ । କେବଳ ସେହି ପୁସ୍ତକକୁ ପଢ଼ିବା ଦ୍ୱାରା ଆପଣ ଆପଣଙ୍କ ଆତ୍ମିକ ଜୀବନରେ ଅଗ୍ରସର ହୋଇପାରିବେ ନାହିଁ ।

କେତେକ ଲୋକ ଏହିପରି ଏକ ପୁସ୍ତକକୁ ପଢ଼ି, ଆଉ କେତେକ ଅଫିସ ଯିବା ପୂର୍ବରୁ ଗୋଟିଏ କ୍ୟାଲେଣ୍ଡର ଥିବା ପଦଟିଏ ପଢ଼ି ସନ୍ତୋଷ ଅନୁଭବ କରନ୍ତି । ଆଉ କେତେ ଜଣ ବ୍ୟକ୍ତି ବାଇବଲରୁ ଗୋଟିଏ ପଦ ପଢ଼ି, ବାଇବଲ ପଢ଼ି ସାରିଛନ୍ତି ବୋଲି କହନ୍ତି । ଯଦି ଆପଣ ଏହିପରି ଏକ ଛଳନାପୂର୍ଣ୍ଣ ଜୀବନ କାଟୁଛନ୍ତି, ତେବେ ଏପରି ଗୋଟିଏ ଦିନ ଆସିବ ଯେତେବେଳେ ଆପଣ ପ୍ରତାରିତ ହେବେ । ପରୀକ୍ଷକ ଦ୍ୱାରା ପରୀକ୍ଷିତ ହେବା ସମୟରେ, ଜୀବନରେ ଝଡ଼ର ସମ୍ମୁଖୀନ ହେବା ସମୟରେ, କ'ଣ କରିବାକୁ ହେବ, ତାହା ଜାଣି ନ ଥିବା ସମୟରେ, ଆପଣ ପ୍ରଭୁଙ୍କଠାରେ ଗଭୀର ଭାବରେ ରୋପିତ ହୋଇ ନ ଥିବାରୁ କ୍ଷତିଗ୍ରସ୍ତ ହେବେ ।

ଯଦି ଆପଣ ଦିନ ମଧ୍ୟରେ ଏକ ସୁବିଧାଜନକ ସମୟ ପାଉ ନାହାନ୍ତି, ତେବେ ସକାଳେ ପ୍ରଭୁଙ୍କ ଉପସ୍ଥିତିରେ ନୀରବରେ ବସନ୍ତୁ ଓ ବାଇବଲର, ଅନ୍ତତଃ ଗୋଟିଏ ଅଧ୍ୟାୟ ପଢ଼ି ତା' ଉପରେ ଧ୍ୟାନ କରନ୍ତୁ । "ସଦାପ୍ରଭୁ ମୋହର ପ୍ରତିପାଳକ" – ଏହି ଭାଗଟିକୁ ପଢ଼ିବା ସମୟରେ ଏହିସବୁ ପ୍ରଶ୍ନ ପଚାରନ୍ତୁ – "ମୁଁ କ'ଣ ପ୍ରଭୁଙ୍କର ଗୋଟିଏ ମେଷ ? ଈଶ୍ୱର ମୋତେ ଯେଉଁ ମାର୍ଗ ଦେଖାଇଛନ୍ତି, ସେହି ମାର୍ଗରେ ମୁଁ ଯାଉଛି କି ?"

ଆଜି ଶୟତାନ ଖ୍ରୀଷ୍ଟିଆନମାନଙ୍କୁ ନିଜ ହସ୍ତରେ ଧରି ଈଶ୍ୱରଙ୍କ ବାକ୍ୟକୁ ଗୁରୁତ୍ୱ ନ ଦେବା ପାଇଁ କିମ୍ବା ପ୍ରାର୍ଥନା ନ କରିବା ପାଇଁ ପ୍ରରୋଚିତ କରୁଅଛି । ଆପଣ ବାକ୍ୟକୁ ଈଶ୍ୱରଙ୍କ ସହିତ ଏକତ୍ର ପଢ଼ନ୍ତୁ ଓ କହନ୍ତୁ,

(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)


## ବାଇବଲ କୋର

## ଚିଠିପତ୍ର ମାଧ୍ୟମରେ ବାଇବଲ ପାଠ୍ୟକ୍ରମ

ଆମେ ଇଂରାଜୀ, ହିନ୍ଦୀ ଓ ତାମିଲ ଭାଷାରେ ନୂତନ ଖ୍ରୀଷ୍ଟିଆନମାନଙ୍କୁ ବାଇବଲ ମୌଳିକ ତଥ୍ୟ ସମ୍ବନ୍ଧରେ ଡାକଯୋଗେ ପାଠକ୍ରମ ଯୋଗାଇ ଦେଉଅଛୁ । ଆପଣମାନେ "ଆପଣମାନଙ୍କ ନିମନ୍ତେ ନୂତନ ଜୀବନ" ନାମକ ଏକ ୭୦ ପୃଷ୍ଠା ବିଶିଷ୍ଟ ପାଠ୍ୟ ପୁସ୍ତକ ପାଇବେ । ଏହି ପାଠ୍ୟକ୍ରମ ଶେଷ ହେବାପରେ ଗୋଟିଏ ପ୍ରମାଣ ପତ୍ର ମଧ୍ୟ ପାଇବେ । ଏଥିପାଇଁ କୌଣସି ବାଧ୍ୟତାମୂଳକ ଦେୟ ନାହିଁ । ଏହି ପାଠ୍ୟକ୍ରମଟି କେବଳ ଭାରତରେ ଥିବା ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ।

## ଥିଓଲୋଜିକାଲ ଦୂରଭାଷା ପାଠ୍ୟକ୍ରମ

ଆପଣ ଅଳ୍ପ ସପ୍ତାହ ମାଧ୍ୟମରେ ଡାକଦ୍ୱାରା ଇଂରାଜୀ ଓ ତାମିଲରେ ଥିଓଲୋଜି ଅଧ୍ୟୟନ କରିପାରିବେ ଓ ଜଣେ ଆତ୍ମିକ ସେବକ ହୋଇପାରିବେ । ଆପଣ ସେବାକାର୍ଯ୍ୟର ପ୍ରମାଣ ପତ୍ର ପାଇ ପାରିବେ । ପାଠ୍ୟକ୍ରମଟିର ମୂଲ୍ୟ ୫୨୦ ଟଙ୍କା ମାତ୍ର । ୧୪୨ଟି ଅଧ୍ୟାୟ ବିଶିଷ୍ଟ ୭ଟି ପୁସ୍ତକ ଯୋଗାଇ ଦିଆଯିବ ।

ସବିଶେଷ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ

**Address - The Chairman, Nehemiah Bible College**

**ECHO OF HIS CALL**

**10, Mohammed Abdullah 2nd Street, Opp. Cricket Stadium, Chepauk, Chennai - 600 005, India**
**Phone: (044) 2852 8282, 2852 9293,**
**Cell: 98410 71852, E-mail: sam@echoofhiscall.org**

GREAT COMMISSION PARTNERS

ECHO OF HIS CALL MINISTRIES
SINCE 1969

# ମହା ଆଦେଶ ସାଥୀଗଣ

ଜଣାଇବା (ଗାଲାତୀୟ ୬:୨), ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତୀମଥି ୧:୬)



## ପ୍ରଶଂସା ଓ ପ୍ରାର୍ଥନାର ବିଷୟ, (୨୦୨୧ ଏପ୍ରିଲ ୧୯ ରୁ ମଇ ୧୮ ପର୍ଯ୍ୟନ୍ତ)

(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ)

### ପ୍ରଶଂସାର ବିଷୟ

ଜୁନ - ୧୯ ପୃଥିବୀର ସମସ୍ତ ଦେଶ ଉପରେ ଥିବା ଈଶ୍ୱରଙ୍କର ପ୍ରଚୁର ଆଶୀର୍ବାଦ ପାଇଁ ତାଙ୍କର ପ୍ରଶଂସା କରନ୍ତୁ ।

ଜୁନ - ୨୦ ଗତମାସରେ ଆମର ସମସ୍ତ ଆବଶ୍ୟକତା ପୂରଣ କରିଥିବାରୁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ଜୁନ - ୨୧ କାର୍ଯ୍ୟକ୍ଷେତ୍ରରେ ଆମର ମିଶନେରୀ ଓ ସେମାନଙ୍କ ପରିବାରବର୍ଗଙ୍କୁ ସୁରକ୍ଷିତ ରଖିଥିବାରୁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ଜୁନ - ୨୨ ତାଲାବନ୍ଦ ପୂର୍ବରୁ, ଗତମାସରେ ମୁଖ୍ୟ ମଣ୍ଡଳୀର କାର୍ଯ୍ୟକଳାପ ଓ ରବିବାର ଉପାସନା ପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ଜୁନ - ୨୩ ରାଜ୍ୟ ସଂଯୋଜକ ଓ ସେମାନଙ୍କ ପରିବାର ସଦସ୍ୟମାନଙ୍କ ପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ଜୁନ - ୨୪ ''ଆହ୍ୱାନର ପ୍ରତିଧ୍ୱନି'' ସେବାକାର୍ଯ୍ୟର ସହଯୋଗୀ ସଂପାଦକ ଓ ସେମାନଙ୍କ ପରିବାରଗୁଡ଼ିକ ପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ଜୁନ - ୨୫ ଆମର ପ୍ରାର୍ଥନାସାଥୀ, ସଭ୍ୟ, ବିଶ୍ୱାସ ସାଥୀ, ଆଜୀବନ ସଭ୍ୟ, ମହାଆଦେଶ ସାଥୀଗଣ ଓ ସେମାନଙ୍କ ପରିବାରବର୍ଗଙ୍କ ପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ଜୁନ - ୨୬ ମୁଖ୍ୟ ଉପାସନାଳୟ ଓ ଶାଖା ମଣ୍ଡଳୀ ଗୁଡ଼ିକର ପାଳକ ଓ ବରିଷ୍ଠ ସଦସ୍ୟମାନଙ୍କ ପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ଜୁନ - ୨୭ ଈଶ୍ୱର ଆମର ମୁଖ୍ୟ ମଣ୍ଡଳୀ ସହିତ ଅଧିକ ନୂତନ ଆଗନ୍ତୁକ ମାନଙ୍କୁ ଆଣି ଆଶୀର୍ବାଦ କରିଛନ୍ତି ।

ଜୁନ - ୨୮ ଆମର ସୁସମାଚାର ଛାପାକଳ ଓ ଦକ୍ଷ କର୍ମଚାରୀମାନଙ୍କ ସହିତ ଏହାର ନିରବଚ୍ଛିନ୍ନ କାର୍ଯ୍ୟ ନିମନ୍ତେ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ଜୁନ - ୨୯ ଆମର ସେଣ୍ଟପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲର ଅଧ୍ୟକ୍ଷ, ଶିକ୍ଷକ ଓ କର୍ମଚାରୀମାନଙ୍କ ପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ଜୁନ - ୩୦ ଆମର ସୁସମାଚାର ଛାପାକଳରେ ୧୭ଟି ଭାଷାରେ ମୁଦ୍ରିତ ହୋଇ ବିଭିନ୍ନ ସ୍ଥାନକୁ ପ୍ରେରିତ ହେଉଥିବା ''ଆହ୍ୱାନର ପ୍ରତିଧ୍ୱନି'' ପତ୍ରିକା ପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ଜୁଲାଇ - ୧ ଆମର ବାଇବଲକୋର୍ ଓ ଥିଓଲୋଜିକାଲ୍ କରେସ୍‌ପଣ୍ଡେସ୍ ପାଠ୍ୟକ୍ରମ ପାଇଁ ଆମକୁ ଅଧିକ ଛାତ୍ର ଯୋଗାଇଥିବାରୁ ଈଶ୍ୱରଙ୍କର ଧନ୍ୟବାଦ ହେଉ ।

ଜୁଲାଇ - ୨ ସମସ୍ତ ପ୍ରକାର କଷ୍ଟରୁ ଆମକୁ ସର୍ବଦା ରକ୍ଷା କରୁଥିବାରୁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ଜୁଲାଇ - ୩ ଆମର ବରିଷ୍ଠ ପାଳକ ଓ ତାଙ୍କ ପରିବାରକୁ ସମସ୍ତ ମନ୍ଦଶକ୍ତିରୁ ସୁରକ୍ଷା ଦେଇଥିବାରୁ ଈଶ୍ୱରଙ୍କର ପ୍ରଶଂସା ହେଉ ।

### ପ୍ରାର୍ଥନାର ବିଷୟ

ଜୁଲାଇ - ୪ ଆମର ମାସିକ ଖର୍ଚ୍ଚ ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରନ୍ତୁ ।

ଜୁଲାଇ - ୫ ଆମ ସେବାକାର୍ଯ୍ୟ ଓ ଏହାର ସଂପ୍ରସାରଣ ନିମନ୍ତେ ପ୍ରାର୍ଥନା କରନ୍ତୁ ।

ଜୁଲାଇ - ୬ ଆମର କର୍ମଚାରୀ ଓ ମୁଦ୍ରଣକାରୀମାନେ ଆମ କାର୍ଯ୍ୟର ପରିସର ମଧ୍ୟରେ କାର୍ଯ୍ୟ କରୁଥିବା ସମୟରେ ଯେପରି ସୁରକ୍ଷିତ ରହିବେ ।

ଜୁଲାଇ - ୭ ଆମର ସେବାକାର୍ଯ୍ୟର ସାଥୀମାନଙ୍କ ପାଇଁ ଓ ଆମ ''ଆହ୍ୱାନର ପ୍ରତିଧ୍ୱନି''ର ରାଜ୍ୟ ସଂଯୋଜକମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ ।

ଜୁଲାଇ - ୮ ଆମର ସେବାକାର୍ଯ୍ୟର ସଂପ୍ରସାରଣ ଓ ସୁସମାଚାରର ବିଶ୍ୱ-ବ୍ୟାପୀ ପ୍ରସାର ନିମନ୍ତେ ପ୍ରାର୍ଥନା କରନ୍ତୁ ।

ଜୁଲାଇ - ୯ ଆମର ଇଂରାଜୀ ସହଯୋଗୀ ସଂପାଦକ, ଭାଇ ଏମ୍.ପଲ୍‌ରାଜଙ୍କ ସଂପୂର୍ଣ୍ଣ ସୁସ୍ଥତା ଓ ଶାନ୍ତିପୂର୍ଣ୍ଣ ଜୀବନ ପାଇଁ ପ୍ରାର୍ଥନା କରନ୍ତୁ ।

ଜୁଲାଇ-୧୦ ଭାରତର ଦୁର୍ଗମ ସ୍ଥାନ ଗୁଡ଼ିକରେ ସୁସମାଚାର ପ୍ରଚାର ନିମନ୍ତେ ଆମକୁ ସମର୍ଥ କରିବା ପାଇଁ ପ୍ରାର୍ଥନା କରନ୍ତୁ ।

ଜୁଲାଇ-୧୧ ନିଶାସେବନକାରୀ ଓ କୁକର୍ମକାରୀମାନଙ୍କର ସଂପୂର୍ଣ୍ଣ ଉପଶମ ପାଇଁ ପ୍ରାର୍ଥନା କରନ୍ତୁ ।

ଜୁଲାଇ-୧୨ ସମସ୍ତ ଦେଶ ମଧ୍ୟରେ ଏକତା ଓ ଶାନ୍ତି ପାଇଁ ପ୍ରାର୍ଥନା କରନ୍ତୁ ।

ଜୁଲାଇ-୧୩ ପୃଥିବୀର ସମସ୍ତ ମଣ୍ଡଳୀ ଯେପରି ଏକତାରେ ବଳିଷ୍ଠ ରହିବେ, ଏଥିପାଇଁ ପ୍ରାର୍ଥନା କରନ୍ତୁ ।

ଜୁଲାଇ-୧୪ କୋଭିଡ୍ - ୧୯ ସମୟରେ ''ଆହ୍ୱାନର ପ୍ରତିଧ୍ୱନି'' ସେବାକାର୍ଯ୍ୟର ସମସ୍ତେ ଯେପରି ସୁରକ୍ଷିତ ଓ ସୁସ୍ଥ ରହିବେ, ଏଥିପାଇଁ ପ୍ରାର୍ଥନା କରନ୍ତୁ ।

ଜୁଲାଇ-୧୫ ପୃଥିବୀରୁ କରୋନା ଭୂତାଣୁ ଯେପରି ସଂପୂର୍ଣ୍ଣ ଭାବରେ ଦୂର ହେବ, ଏଥିପାଇଁ ପ୍ରାର୍ଥନା କରନ୍ତୁ ।

ଜୁଲାଇ-୧୬ ଆମ ମୁଖ୍ୟ ଓ ଶାଖା ମଣ୍ଡଳୀଗୁଡ଼ିକର ସମସ୍ତ ସଦସ୍ୟଙ୍କର ମଙ୍ଗଳ ପାଇଁ ପ୍ରାର୍ଥନା କରନ୍ତୁ ।

ଜୁଲାଇ-୧୭ ସମଗ୍ର ପୃଥିବୀର ସମସ୍ତ ମହିଳା ଓ ଶିଶୁମାନଙ୍କ ସୁରକ୍ଷା ପାଇଁ ପ୍ରାର୍ଥନା କରନ୍ତୁ ।

ଜୁଲାଇ-୧୮ ଆମର ବରିଷ୍ଠ ପାଳକ ଏସ୍.ସାମ୍.ସେଲ୍‌ଭାରାଜ୍ ଓ ତାଙ୍କର ପରିବାର ସଦସ୍ୟମାନେ ଯେପରି ସମସ୍ତ ମନ୍ଦ ଶକ୍ତିରୁ ସୁରକ୍ଷିତ ରହିବେ, ଏଥିପାଇଁ ପ୍ରାର୍ଥନା କରନ୍ତୁ ।

*(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)*

"ହେ ପ୍ରଭୁ, ମୋର ଜୀବନର କେଉଁ ଭାଗ ପରିବର୍ତ୍ତିତ ହେବା ଉଚିତ, ତାହା ମୋତେ ଜଣାନ୍ତୁ । ମୋର ତ୍ରୁଟିଗୁଡ଼ିକ କ'ଣ ? ମୋର ଭୁଲଗୁଡ଼ିକ କ'ଣ ? ମୋର ପାପସବୁ ଦର୍ଶାଇ ଦିଅ । ମୁଁ କେଉଁ ଆଡ଼କୁ ଚାଳିତ ହେଉଅଛି ? ଅଗ୍ରସର ହେବା ପାଇଁ ମୋ' ନିମନ୍ତେ ସଠିକ୍ ଦିଗ କେଉଁଟି ? ମୋ' ଜୀବନର ସମସ୍ୟାଗୁଡ଼ିକ ପାଇଁ, ଆପଣଙ୍କର ବାକ୍ୟ ମୋତେ କ'ଣ କହେ ?" ଈଶ୍ୱରଙ୍କର ଜଣେ ଦାସ ଅପେକ୍ଷା ବାଇବଲ ଆପଣଙ୍କୁ ଅଧିକ ସଠିକ୍ ଭାବରେ କହିବ । ହାଲ୍ଲେଲୁୟା !

"ସାବଧାନ, କାଳେ କେହି ଖ୍ରୀଷ୍ଟଙ୍କ ଶିକ୍ଷାର ଅସଙ୍ଗତ ମନୁଷ୍ୟର ପରମ୍ପରାଗତ ଓ ଜଗତର ପ୍ରାଥମିକ ଶିକ୍ଷାନୁଯାୟୀ ଦର୍ଶନ ବିଦ୍ୟା ଓ ନିରର୍ଥକ ପ୍ରତାରଣା ଦ୍ୱାରା ତୁମ୍ଭମାନଙ୍କୁ ବନ୍ଦୀ କରିନିଏ" (କଲସୀୟ ୨:୮) ।

ସେଥିପାଇଁ ଏହି ଜଗତର ଲୋକମାନଙ୍କର ପ୍ରତାରଣା ଓ ଦର୍ଶନ ଅନୁସାରେ, ଆଜି ଅନେକ ଲୋକଙ୍କର ଜୀବନ ବିନଷ୍ଟ ହେଉଅଛି । ଯେତେବେଳେ ଆପଣ ନିୟମିତ ଭାବରେ ବାଇବଲର ପ୍ରତ୍ୟେକଟି ଅଧ୍ୟାୟ, ପ୍ରତ୍ୟେକଟି ପଦକୁ ଦିନ ପରେ ଦିନ ପଢ଼ି ଚାଲନ୍ତି, ସେତେବେଳେ ପବିତ୍ର ଆତ୍ମା ଆପଣଙ୍କ ସହିତ କଥା କହନ୍ତି । ଆପଣ କାହାର ସାହାଯ୍ୟ କିମ୍ବା ଆପଣଙ୍କ ଭବିଷ୍ୟତ୍ ଜାଣିବା ପାଇଁ କୌଣସି ସ୍ଥାନକୁ ଯିବା ଆବଶ୍ୟକ କରନ୍ତି ନାହିଁ । ବୃଥା ପ୍ରତାରଣା ସମ୍ବନ୍ଧରେ ସାବଧାନ ହୁଅନ୍ତୁ ।

## ୨. ତାଙ୍କଠାରେ ନିର୍ମିତ ହୁଅନ୍ତୁ



ବାଇବଲ କହେ, "ତାହାଙ୍କଠାରେ ବଦ୍ଧମୂଳ ଓ ଗୁନ୍ଥା ହୋଇ..." (କଲସୀୟ ୨:୭) ।

ଆମକୁ ଯୀଶୁ ଖ୍ରୀଷ୍ଟଙ୍କ ଉପରେ ନିର୍ମିତ ହେବାକୁ ପଡ଼ିବ ।

"ଖ୍ରୀଷ୍ଟଙ୍କ ବାକ୍ୟ ପ୍ରଚୁରଭାବେ ତୁମ୍ଭମାନଙ୍କଠାରେ ବାସ କରୁ, ତୁମ୍ଭେମାନେ ପରସ୍ପରକୁ ସଂପୂର୍ଣ୍ଣ ଜ୍ଞାନ ସହ ଶିକ୍ଷା ଓ ଚେତନା ଦିଅ, ପୁଣି ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଗୀତ, ସ୍ତୋତ୍ର ଓ ଆଧ୍ୟାତ୍ମିକ ସଂକୀର୍ତ୍ତନ ଦ୍ୱାରା କୃତଜ୍ଞ ହୃଦୟରେ ଗାନ କର" (କଲସୀ ୩:୧୬) ।

ଆମ ମଧ୍ୟରୁ କେତେଜଣ ପ୍ରଭୁଙ୍କର ପ୍ରଶଂସା କରିବା ପାଇଁ ଆନନ୍ଦରେ ଗୀତ ଗାଆନ୍ତି ? ଆମକୁ ମଧ୍ୟ ଏକତ୍ର ସୁସଂଯୁକ୍ତ ହେବାକୁ ପଡ଼ିବ । ଯେଉଁ ଲୋକମାନେ ଆମ ପ୍ରତି ଦୃଷ୍ଟିପାତ କରନ୍ତି, ସେମାନେ ଏହା କହିବା ଉଚିତ୍ ଯେ ଆମେ ଈଶ୍ୱରଙ୍କର ସନ୍ତାନ ଅଟୁ । ଆମେ ଯେଉଁ ଲୋକମାନଙ୍କ ସହିତ ମିଶୁ, ସେମାନେ ଯେପରି ଆମଠାରେ ଈଶ୍ୱରଙ୍କ ପ୍ରେମକୁ ଦେଖିବେ, ଏଥିପାଇଁ ଆମେ ବଦ୍ଧମୂଳ ହୋଇ ନିର୍ମିତ ହେବା ଉଚିତ୍ । ଜଣେ ଈଶ୍ୱର ଭୟାଳୁ ଲୋକ ଏହି ପ୍ରକାରେ ଆଶୀର୍ବାଦ ପ୍ରାପ୍ତ ହେବ । ଆମେ ଯେପରି ଅନ୍ୟମାନଙ୍କର ସେବା କରିବୁ, ଅନ୍ୟମାନଙ୍କୁ ସାହାଯ୍ୟ କରିବୁ, ଅନ୍ୟମାନଙ୍କୁ ଶିକ୍ଷା ଦେବୁ, ଇତ୍ୟାଦି – ଏଥିପାଇଁ ଆମେ ତାଙ୍କ ଉପରେ ନିର୍ମିତ ହେବା ଉଚିତ । ଏହାପରେ ଆମେ ଅନ୍ୟମାନଙ୍କ ପାଇଁ ଏକ ଆଶୀର୍ବାଦସ୍ୱରୂପ ହେବା । ଆଜି ଅଧିକାଂଶ ଲୋକ ପ୍ରଭୁଙ୍କ ଉପରେ ନୁହେଁ, ମାତ୍ର ସେମାନଙ୍କ ନିଜ ଉପରେ, ସେମାନଙ୍କ ନିଜସ୍ୱ ଇଚ୍ଛା ଉପରେ ସେମାନଙ୍କ ଜୀବନକୁ ନିର୍ମାଣ କରୁଛନ୍ତି । ସେଥିପାଇଁ ସେମାନଙ୍କ ଜୀବନରେ କିଛି ଫଳ ନାହିଁ, ସେମାନଙ୍କର କୌଣସି ଅଭିବୃଦ୍ଧି ନାହିଁ । ଆମେ ସଠିକ୍ ସମୟରେ ନିର୍ମାଣ କରିବାରେ ବିଫଳ ହେଲେ ବିଫଳତାର ସମ୍ମୁଖୀନ ହେଉ ।

ଯେତେବେଳେ ଆପଣଙ୍କ ଜୀବନରେ କିଛି କ୍ଳେଶ ଦେଖାଦିଏ, କେବଳ ସେତେବେଳେ ଈଶ୍ୱରଙ୍କ ପ୍ରତି ଦୃଷ୍ଟିପାତ କରିବା ଏକ ବିପଜ୍ଜନକ ବିଷୟ ଅଟେ । ଯେତେବେଳେ ଆପଣଙ୍କ ଜୀବନରେ ସବୁକିଛି ଠିକ୍ ଥାଏ, ସେତେବେଳେ ଆପଣ ଈଶ୍ୱରଙ୍କୁ ପ୍ରେମ କରିବା ଆବଶ୍ୟକ । ଯଦି ଆପଣ ସେହିପରି କରନ୍ତି, ତେବେ ଆପଣ ତାଙ୍କ ଉପରେ ନିର୍ମିତ ହେବେ । ଯେତେବେଳେ ଜଣେ ବ୍ୟକ୍ତି ଜୀବନରେ ସ୍ୱଚ୍ଛନ୍ଦ୍ୟ ପାଏ, ସେତେବେଳେ ସେ ପ୍ରଭୁଙ୍କୁ ଭୁଲିଯାଏ । ସେ ଗୀର୍ଜ୍ଜା ଯିବା ବନ୍ଦ କରିଦିଏ, ସମସ୍ତ ସୁବିଧା ପାଇବା ପରେ, ଯଦି ଆପଣ ଈଶ୍ୱରଙ୍କୁ ଘୃଣା କରିବେ, ତେବେ ବିପଦ ସମୟରେ କେହି ଆପଣଙ୍କୁ ସାହାଯ୍ୟ କରିବେ ନାହିଁ । ଆମେ ଏହା ଭୁଲିଯିବା ଅନୁଚିତ ଯେ ପ୍ରଭୁ ଆମକୁ ଏପରି କିଛି ବିଷୟ ପାଇଁ ନିଯୁକ୍ତ କରିଛନ୍ତି ଯାହାକୁ ଆମର ଚକ୍ଷୁ ଦେଖିପାରେ ନାହିଁ । ଏହି ଜଗତର ସମସ୍ତ ବିଷୟ ସଂପୂର୍ଣ୍ଣ ଧ୍ୱଂସ ଅଧୀନରେ ରହିଛି । ମାତ୍ର ଆମ ପାଇଁ ଯାହା ନିରୂପିତ ଅଛି, ତାହା ଅନନ୍ତକାଳୀନ ଅଟେ । ଆମେ ଏହା ଭୁଲିବା ଉଚିତ୍ ନୁହେଁ ।

ଆପଣଙ୍କ ନିକଟରେ ପବିତ୍ର ଆତ୍ମାଙ୍କ ଅଭିଷେକ ଅଛି ଓ ଆପଣ ଈଶ୍ୱରଙ୍କର ମନ୍ଦିର ଅଟନ୍ତି । ଆପଣଙ୍କ ସେବାକାର୍ଯ୍ୟ ବିଷୟରେ କ'ଣ କୁହାଯିବ ? ଯେଉଁମାନେ ସୁସମାଚାର ପ୍ରସାର ପାଇଁ ସେମାନଙ୍କର ଜୀବନକୁ ବଳି ରୂପେ ଉତ୍ସର୍ଗ କରି ଦେଇଥିଲେ, ସେମାନେ ଆଜି ସେମାନଙ୍କ ସେବାକାର୍ଯ୍ୟରୁ ପଳାୟନ କରୁଛନ୍ତି । ଯେତେବେଳେ ଆବଶ୍ୟକତା ଥିଲା, ସେତେବେଳେ ସେମାନେ ଈଶ୍ୱରଙ୍କଠାରେ ବିଶ୍ୱାସ କରିଥିଲେ, ମାତ୍ର ସେମାନଙ୍କର ଆବଶ୍ୟକତା ପୂରଣ ହେବା ପରେ, ସେମାନେ ଈଶ୍ୱରଙ୍କ ସେବାରୁ ପଳାୟନ କରିଥିଲେ । କେତେକ ପିତାମାତା ସେମାନଙ୍କର ସନ୍ତାନମାନଙ୍କର ଅବାଧ୍ୟତା ଯୋଗୁ ଚିନ୍ତିତ ଥାଆନ୍ତି ।

ସେମାନଙ୍କର ଅବାଧ୍ୟତାର କାରଣ ସେମାନଙ୍କର ପିତାମାତା ହିଁ ଅଟନ୍ତି । ବାଇବଲ କହେ ଯେ ଯେତେବେଳେ ଆପଣ ବାଇବଲକୁ ଭୁଲି ଯାଆନ୍ତି, ସେତେବେଳେ ପ୍ରଭୁ ଆପଣଙ୍କ ସନ୍ତାନମାନଙ୍କୁ ଭୁଲି ଯାଆନ୍ତି (ହୋଶେୟ ୪:୬) । ଆଜି ସନ୍ତାନମାନେ ହିଁ ଅଧିକାଂଶ ପରିବାରର ସମସ୍ୟା ଅଟନ୍ତି । ଯେତେବେଳେ ଆପଣଙ୍କ ସନ୍ତାନମାନେ ଛୋଟ ଥିଲେ, ସେତେବେଳେ ଆପଣ ସେମାନଙ୍କୁ ହାତରେ ଧରି ଗୀର୍ଜ୍ଜାକୁ ଆଣୁଥିଲେ । ପୁଣି ସେମାନେ ବଡ଼ ହେବା ପରେ ଆପଣଙ୍କୁ ଅନୁସରଣ କରିବା ଉଚିତ୍ । ଯଦି ଆପଣଙ୍କ ପରିବାରରେ ଏପରି ପରିସ୍ଥିତି ନାହିଁ, ତେବେ କୌଣସିଠାରେ କିଛି ଭୁଲ୍ ରହିଛି, ଆପଣ ଈଶ୍ୱରଙ୍କ ସନ୍ତାନ ଅଟନ୍ତି । ଆପଣ ଆପଣଙ୍କ ସନ୍ତାନମାନଙ୍କୁ ମଧ୍ୟ ପ୍ରଭୁଙ୍କ ମାର୍ଗରେ ପ୍ରତିପାଳନ କରିବା ଆବଶ୍ୟକ । ଏହାପରେ ଆଶୀର୍ବାଦ ଆପଣଙ୍କ ସନ୍ତାନମାନଙ୍କର ଅନୁବର୍ତ୍ତୀ ହେବ ।

## ୩. ତାଙ୍କ ସହିତ ଚାଲନ୍ତୁ



"ସମସ୍ତ ଆତ୍ମିକ ଜ୍ଞାନ ଓ ବୁଦ୍ଧିରେ ପ୍ରଭୁଙ୍କୁ ସର୍ବ ପ୍ରକାରେ ସନ୍ତୁଷ୍ଟ କରିବା ନିମନ୍ତେ ତାହାଙ୍କ ଯୋଗ୍ୟ ଆଚରଣ କର, ଅର୍ଥାତ୍ ଈଶ୍ୱରଙ୍କ ତତ୍ତ୍ୱଜ୍ଞାନରେ ବଢ଼ି ସମସ୍ତ ସତ୍‌କର୍ମର ଫଳରେ ଫଳବାନ୍ ହୁଅ" (କଲସୀୟ ୧:୧୦) ।

ଆପଣଙ୍କୁ ଈଶ୍ୱରଙ୍କର ସନ୍ତୋଷଜନକ ଜୀବନ କାଟି ଈଶ୍ୱରଙ୍କର ଏକ ପାତ୍ର ହେବାକୁ ପଡ଼ିବ । ପାପୀମାନଙ୍କ ମାର୍ଗରେ ଚାଲନ୍ତୁ ନାହିଁ । ପ୍ରଭୁଙ୍କ ଜ୍ଞାନରେ ବୃଦ୍ଧି ପାଆନ୍ତୁ । ଏପରି ସ୍ଥାନକୁ ଯାଆନ୍ତୁ ନାହିଁ ଯେଉଁଠାରେ ମନ୍ଦକାର୍ଯ୍ୟ ଚାଲୁଥାଏ । ଆପଣଙ୍କର ସନ୍ତାନମାନଙ୍କୁ ମଧ୍ୟ ଏହିପରି ସ୍ଥାନକୁ ଛାଡ଼ନ୍ତୁ ନାହିଁ । ଯଦି ଆପଣ ଯିବେ, ତେବେ ଏପରି ଗୋଟିଏ ଦିନ ଆସିବ, ଯେତେବେଳେ ଆପଣ ନିଜକୁ ରକ୍ଷା କରିବା ପାଇଁ ପ୍ରଭୁଙ୍କ ନିକଟରେ କ୍ରନ୍ଦନ କରିବେ । ସେଥିପାଇଁ ଈଶ୍ୱର ଆପଣଙ୍କୁ ସତର୍କ କରୁଥିବା ସମୟରେ, ଆପଣ ଈଶ୍ୱରଙ୍କ ସହିତ ଚାଲିବା ଶିକ୍ଷା କରନ୍ତୁ । ଈଶ୍ୱରଙ୍କ ସହିତ କାର୍ଯ୍ୟ କରିବାର ଅଭ୍ୟାସ କରନ୍ତୁ । ଗୀତସଂହିତା ୧:୧ ସ୍ପଷ୍ଟ ଭାବରେ କହିଛି, "ଯେଉଁଜନ ଦୁଷ୍ଟମାନଙ୍କ ମନ୍ତ୍ରଣାରେ ଚାଲେ ନାହିଁ ଅବା ପାପୀମାନଙ୍କ ମାର୍ଗରେ ଠିଆ ହୁଏ ନାହିଁ ... ସେ ଧନ୍ୟ ।" ଖ୍ରୀଷ୍ଟଙ୍କୁ ଜାଣି ନ ଥିବା ଲୋକର କଥା ଶୁଣନ୍ତୁ ନାହିଁ । ଆପଣଙ୍କୁ ଲୋକମାନଙ୍କ ସହିତ କିମ୍ବା ଅଧାର୍ମିକମାନଙ୍କ ସହିତ କିମ୍ବା ଜଗତ ସହିତ କିମ୍ବା ବନ୍ଧୁମାନଙ୍କ ସହିତ ନୁହେଁ, ମାତ୍ର କେବଳ ଖ୍ରୀଷ୍ଟଙ୍କ ସହିତ ଚାଲିବାକୁ ହେବ ।

## ୪. ଆପଣଙ୍କ ବିଶ୍ୱାସରେ ଦୃଢ଼ ରହନ୍ତୁ



ପରିସ୍ଥିତି ଭଲ ହେଉ କି ମନ୍ଦ ହେଉ, ଆମେ ଆମ ବିଶ୍ୱାସରେ ଦୃଢ଼ ରହିବା ଉଚିତ । ପରିସ୍ଥିତି ଉତ୍ତମ ଥିବା

ସମୟରେ ଆମ ବିଶ୍ୱାସରେ ଦୃଢ଼ ରହିବା ସହଜ ଅଟେ । ହୁଏତ ସେଠାରେ ବିଶ୍ୱାସ ଆବଶ୍ୟକ ହୋଇ ନ ପାରେ । ମାତ୍ର ଯେତେବେଳେ ଅବ୍ରହାମ ଅତି ଅସମ୍ଭବ ପରିସ୍ଥିତିରେ ଥିଲେ, ସେତେବେଳେ ସେ ବିଶ୍ୱାସର ଏକ ସ୍ତମ୍ଭ ସଦୃଶ ଥିଲେ । ଈଶ୍ୱର ତାଙ୍କୁ ଏପରି ସମୟରେ ଏକ ପୁତ୍ର ଦେବେ ବୋଲି ପ୍ରତିଜ୍ଞା କରିଥିଲେ ଯେତେବେଳେ ସେ ୭୫ ବର୍ଷ ବୟସ୍କ ଥିଲେ ଓ ଏଥିପାଇଁ ତାଙ୍କୁ ୯୯ ବର୍ଷ ବୟସ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଥିଲା । ସେ ବିରକ୍ତି ପ୍ରକାଶ କରି ନ ଥିଲେ । ସେ ସଂପୂର୍ଣ୍ଣ ବିଶ୍ୱାସର ସହିତ ଈଶ୍ୱରଙ୍କୁ ବିଶ୍ୱାସ କରିଥିଲେ । ଯଦି ଈଶ୍ୱର କିଛି ନିର୍ଦ୍ଦିଷ୍ଟ ଭାବରେ କହିଛନ୍ତି, ତେବେ ସେ ତାହା ସାଧନ କରିବେ ବୋଲି ସେ ବିଶ୍ୱାସ କରିଥିଲେ । ଆପଣଙ୍କୁ ଯେଉଁ ଉଦ୍ଦେଶ୍ୟ ପାଇଁ ଆହ୍ୱାନ କରାଯାଇଛି, ସେଥି ନିମନ୍ତେ ଆପଣଙ୍କୁ ଏକାକୀ ଠିଆ ହେବାକୁ ପଡ଼ିଲେ ସୁଦ୍ଧା ଦୃଢ଼ ଭାବରେ ଠିଆ ହେବା ଶିକ୍ଷା କରନ୍ତୁ ।

ଆଜିର ବନ୍ଧୁମାନେ ହୁଏତ ଆସନ୍ତା କାଲିର ଶତ୍ରୁ ହୋଇ ପାରନ୍ତି । ସେଥିପାଇଁ ଆପଣଙ୍କର ବନ୍ଧୁମାନଙ୍କୁ କିମ୍ବା ଆପଣଙ୍କର ଧନକୁ ବିଶ୍ୱାସ କରନ୍ତୁ ନାହିଁ । କେବଳ ପ୍ରଭୁଙ୍କଠାରେ ବିଶ୍ୱାସ କରନ୍ତୁ । ତାହା ହିଁ ଆପଣଙ୍କର ବିଶ୍ୱାସକୁ ଧରି ରଖିବାର ଏକ ମାତ୍ର ମାର୍ଗ ଅଟେ ।

## ୫. ବିଶ୍ୱାସରେ ବୃଦ୍ଧି ପାଆନ୍ତୁ



ଆପଣ ଆଉ ଶିଶୁ ନୁହଁନ୍ତି । ବିଶ୍ୱାସରେ ବୃଦ୍ଧି ପାଆନ୍ତୁ, ଆପଣ ବିଶ୍ୱାସରେ ଅବିଚଳିତ କାର୍ଯ୍ୟ କରିବାକୁ ସମର୍ଥ ହେବେ । ଆମକୁ ମହତ୍ କାର୍ଯ୍ୟ କରିବା ପାଇଁ ଓ ଆମ ବିରୁଦ୍ଧରେ ଆସୁଥିବା ମନ୍ଦ ଶକ୍ତି ଉପରେ ବିଜୟୀ ହେବା ପାଇଁ ସମର୍ଥ ହେବାକୁ ପଡ଼ିବ । ନୋହ, ଅବ୍ରହାମ୍ ଓ ଆମର ଅନେକ ପିତୃ ପୁରୁଷ ବିଶ୍ୱାସରେ ବୃଦ୍ଧି ପାଇଥିଲେ ବୋଲି ବାଇବଲ କହିଛି । ସେମାନେ ଶ୍ରେଷ୍ଠ ବିଶ୍ୱାସୀ ବ୍ୟକ୍ତି ହୋଇଥିଲେ ।

''ସତ୍ୟ, ସତ୍ୟ ମୁଁ ତୁମ୍ଭମାନଙ୍କୁ କହୁଅଛି, ମୋ'ଠାରେ ଯେ ବିଶ୍ୱାସ କରେ, ମୁଁ ଯେଉଁ ଯେଉଁ କର୍ମ କରୁଅଛି, ସେ ମଧ୍ୟ ସେହିସବୁ କରିବ, ଆଉ ସେସବୁ ଅପେକ୍ଷା ଅଧିକ ମହତ୍ କର୍ମ କରିବ, କାରଣ ମୁଁ ପିତାଙ୍କ ନିକଟକୁ ଯାଉଅଛି'' (ଯୋହନ ୧୪:୧୨) ।

ଈଶ୍ୱରଙ୍କ ପାଇଁ ପାଞ୍ଚ ହଜାର ଲୋକଙ୍କୁ ଖୁଆଇବା ପାଇଁ ଦୁଇଟି ମାଛ ଓ ପାଞ୍ଚଟି ରୋଟୀ ଯଥେଷ୍ଟ ଥିଲା । ସେଥିପାଇଁ ଜଣେ ବ୍ୟକ୍ତି ଅର୍ଥ (ଟଙ୍କା ପଇସା) ଧରିବା ପାଇଁ ଯିବା ଆବଶ୍ୟକ ନୁହେଁ । ତାଙ୍କର ଆବଶ୍ୟକତା ପୂରଣ ହେବ, ଆଜିର କଷ୍ଟ ଆଜି ପାଇଁ ଯଥେଷ୍ଟ (ମାଥିଉ ୬:୩୪), ଯେତେବେଳେ ଆପଣ ବିଶ୍ୱାସରେ ବୃଦ୍ଧି ପାଉଥା'ନ୍ତି, ସେତେବେଳେ ଆପଣ ମହତ୍ତର କାର୍ଯ୍ୟ କରିପାରିବେ ।

''ତୁମ୍ଭେମାନେ ମୋତେ ମନୋନୀତ କରି ନାହଁ, କିନ୍ତୁ ମୁଁ ତୁମ୍ଭମାନଙ୍କୁ ମନୋନୀତ କରିଅଛି, ଆଉ ତୁମ୍ଭେମାନେ ଯେପରି ଯାଇ ଫଳ ଉତ୍ପନ୍ନ କର ଓ ତୁମ୍ଭମାନଙ୍କର ଫଳସ୍ଥାୟୀ ହୁଏ, ଏଥି ନିମନ୍ତେ ତୁମ୍ଭମାନଙ୍କୁ ନିଯୁକ୍ତ କରିଅଛି । ସେଥିରେ ତୁମ୍ଭେମାନେ ମୋ' ନାମରେ ପିତାଙ୍କୁ ଯାହା କିଛି ମାଗିବ, ସେ ତାହା ତୁମ୍ଭମାନଙ୍କୁ ଦେବେ'' (ଯୋହନ ୧୫:୧୬) ।

ଆପଣ ଯେ ଈଶ୍ୱରଙ୍କୁ ମନୋନୀତ କରିଛନ୍ତି, ଦୟା କରି ତାହା ଭାବନ୍ତୁ ନାହିଁ । ନା, ଆପଣ ଈଶ୍ୱରଙ୍କୁ ମନୋନୀତ କରି ନ ଥିଲେ, ମାତ୍ର ଈଶ୍ୱର ଆପଣଙ୍କୁ ମନୋନୀତ କରିଥିଲେ । ସେଥିପାଇଁ ବିଶ୍ୱାସରେ ନିଷ୍ଠାବାନ୍ ହୁଅନ୍ତୁ ।

***

# ଏକ ନିଃସଙ୍ଗ ଜୀବନ (One Solitary Life)

**ନୂତନ ନିୟମ – ''କ୍ଷୁଦ୍ର ପୁସ୍ତିକା'' ରେଭ.ଡିକ୍ ଉଡ୍‌ୱାର୍ଡ**

ସେ ଗୋଟିଏ ଅଜ୍ଞାତ ଗ୍ରାମରେ ଜନ୍ମ ହୋଇଥିଲେ ଓ ଜଣେ କୃଷକ ମହିଳାଙ୍କର ସନ୍ତାନ ଥିଲେ ।

ସେ ୩୦ ବର୍ଷ ବୟସ ପର୍ଯ୍ୟନ୍ତ ଗୋଟିଏ ବଢ଼େଇ ଦୋକାନ୍‌ରେ କାର୍ଯ୍ୟ କରୁଥିଲେ ଓ ଏହାପରେ ତିନି ବର୍ଷ ଧରି ସେ ଗ୍ରାମ ଗ୍ରାମ ଓ ନଗର ନଗର ବୁଲି ବହୁ ସମୟ ପର୍ଯ୍ୟନ୍ତ ଲୋକମାନଙ୍କ ସହିତ କଥାବାର୍ତ୍ତା କରୁଥିଲେ ଓ ସେମାନଙ୍କ କଥା ଶୁଣୁଥିଲେ ଓ ଯେଉଁଠାରେ ସାହାଯ୍ୟ ଆବଶ୍ୟକ ଥିଲା, ସେଠାରେ ସାହାଯ୍ୟ କରୁଥିଲେ ।

ସେ କେବେ ହେଲେ କୌଣସି ପୁସ୍ତକ ଲେଖି ନ ଥିଲେ । ସେ କେବେ କୌଣସି ବିଷୟରେ ଉଲ୍ଲେଖନୀୟ କୃତିତ୍ତ୍ୱ ହାସଲ କରି ନ ଥିଲେ । ସେ କେବେ କୌଣସି ଶିକ୍ଷାନୁଷ୍ଠାନକୁ ଯାଇ ନ ଥିଲେ । ସେ କେବେ ହେଲେ କୌଣସି ସର୍ବ ସାଧାରଣ କାର୍ଯ୍ୟାଳୟ ସ୍ଥାପନ କରି ନ ଥିଲେ । ତାଙ୍କର କୌଣସି ପରିବାର କିମ୍ବା ଗୃହ ନ ଥିଲା । ସାଧାରଣ ଭାବରେ ଯାହାକୁ ମହାନ୍ କାର୍ଯ୍ୟ ବୋଲି ବିବେଚନା କରାଯାଉଥିଲା, ତାହା ସେ କରି ନ ଥିଲେ । ତାଙ୍କ ନିକଟରେ ତାଙ୍କର ନିଜର ନାମ ବ୍ୟତୀତ ଅନ୍ୟ କୌଣସି ପ୍ରମାଣ ପତ୍ର ନ ଥିଲା ।

ଦୁଇ ହଜାର ବର୍ଷ ପୂର୍ବେ, ଯୀଶୁ ଏହି ପୃଥିବୀରେ ସ୍ପର୍ଶ କରିଥିଲେ । ଶାସ୍ତ୍ରୀ ଓ ଫାରୂଶୀମାନଙ୍କୁ ସେ କହିଥିଲେ ଯେ ବାପ୍ତିଜକ ଯୋହନଙ୍କର ପ୍ରଚାର ଶୁଣି ଯେଉଁ କରଗ୍ରାହୀ ଓ ବ୍ୟଭିଚାରୀମାନେ ମନଃପରିବର୍ତ୍ତନ କରିଥିଲେ, ସେମାନେ ସେମାନଙ୍କ ପୂର୍ବରୁ ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରିବେ । ସେ ସେମାନଙ୍କୁ ଏହି ମାର୍ଗରେ କହୁଥିଲେ, ''ତୁମ୍ଭମାନଙ୍କର ବୃତ୍ତି, ତୁମ୍ଭମାନଙ୍କ ବାହ୍ୟ ବେଶ ପୋଷାକ, ତୁମ୍ଭମାନଙ୍କର ଆତ୍ମିକ ସ୍ଥିତିର ପ୍ରତୀକଗୁଡ଼ିକ'' ସ୍ୱର୍ଗରେ ତୁମ୍ଭମାନଙ୍କ ପାଇଁ ଏକ ସ୍ଥାନର ନିଶ୍ଚୟତା ଦିଏ ନାହିଁ । ତୁମ୍ଭେମାନେ କିପରି ଜୀବନ କାଟୁଛ, ତାହା ଗୁରୁତ୍ୱପୂର୍ଣ୍ଣ ଅଟେ – ତୁମ୍ଭମାନଙ୍କର ଜୀବନ ଏହି ବିଷୟକୁ ପ୍ରଦର୍ଶନ କରେ ଯେ ଈଶ୍ୱର ତୁମ୍ଭମାନଙ୍କର ରାଜା ନୁହଁନ୍ତି ଓ ତୁମ୍ଭେମାନେ ତାଙ୍କର ଆନୁଗତ୍ୟ ପ୍ରଜା ନୁହଁ । ସ୍ୱର୍ଗରେ ଯେପରି, ପୃଥିବୀରେ ସେହିପରି ତାଙ୍କ ଇଚ୍ଛା ସାଧନ କରି, ତୁମ୍ଭେମାନେ ତାଙ୍କ ଦ୍ରାକ୍ଷାକ୍ଷେତ୍ରରେ କାର୍ଯ୍ୟ କରୁ ନାହଁ ।''

ଏଠାରେ ଅନ୍ୟ ଗୋଟିଏ ଚିନ୍ତା ଅଛି, ଯାହା ପ୍ରତ୍ୟେକ ଅଭିଜ୍ଞ ପାଳକଙ୍କ ପାଇଁ ସ୍ପଷ୍ଟ ଅଟେ । ବେଳେ ବେଳେ ଯେଉଁମାନେ ବାହ୍ୟ ଭାବରେ, ଅର୍ଥାତ୍ ସେମାନଙ୍କର ଗୁରୁତ୍ୱ ଦିଏ । ବଡ଼ ସମସ୍ୟା ଏହିସବୁ ପ୍ରଶ୍ନ ଭଳି ମନେହୁଏ, ଯଥା, ''ଆପଣ ସେହି ନିଷ୍ପତ୍ତି ନେଇଛନ୍ତି କି ? କେବଳ କାର୍ଯ୍ୟରେ ରହିଛନ୍ତି ? ଆପଣ ମଣ୍ଡଳୀରେ ଯୋଗ ଦେଇଛନ୍ତି କିମ୍ବା ନିଷ୍ପତ୍ତି କାର୍ଡରେ ଦସ୍ତଖତ କରିଛନ୍ତି ? ଆପଣ ଯାହା ବିଶ୍ୱାସ କରନ୍ତି ତାହା ଜାଣନ୍ତି କି ଓ ଆପଣ ଯାହା ବିଶ୍ୱାସ କରନ୍ତି ତାହାକୁ ବିଶ୍ୱାସ କରୁ ନ ଥିବା ସ୍ୱର୍ଗ ରାଜ୍ୟର ଲୋକମାନଙ୍କ ସହିତ ଠିକ୍ କେଉଁଠାରେ ଆପଣ ଅସମ୍ମତ ହୁଅନ୍ତି ?'' କେତେକ ବିଶ୍ୱାସୀ ଏହି ଧାରଣା ଦିଅନ୍ତି ଯେ ଦଣ୍ଡ (ବିଚାର) ଧର୍ମ ମତବାଦ ଉପରେ ଏକ ବଡ଼ ''ଅନ୍ତିମ ପରୀକ୍ଷା'' ହେବ । କିନ୍ତୁ ଯୀଶୁ ଆମକୁ କହିଛନ୍ତି ଯେ ବିଚାର ସମୟରେ କେବଳ ଏହି ପ୍ରଶ୍ନ ପଚରାଯିବ, ଯଥା – ''ତୁମ୍ଭେମାନେ କ୍ଷୁଧିତମାନଙ୍କୁ ଭୋଜନ କରାଇଥିଲ କି ? ତୁମ୍ଭେମାନେ ରୋଗୀ ଓ ବନ୍ଦୀମାନଙ୍କ ନିକଟକୁ ଯାଇଥିଲ କି ? ତୁମ୍ଭେମାନେ ନିଃସଙ୍ଗମାନଙ୍କୁ ଆତିଥ୍ୟ ପ୍ରଦର୍ଶନ କରିଥିଲ କି ? ତୁମ୍ଭେମାନେ ଉଲଙ୍ଗଙ୍କୁ ବସ୍ତ୍ର ଦେଇଥିଲ କି ? କିମ୍ବା ତୃଷିତକୁ ଗୋଟିଏ କପ୍ ଥଣ୍ଡାପାଣି ଦେଇଥିଲ କି ?'' (ମାଥିଉ ୨୫ ଦେଖନ୍ତୁ) । ସେ ଆମକୁ କହିଥିଲେ ଯେ ବିଚାର ସମୟରେ ଅନେକ ଲୋକ

**ଏହା ଆପଣଙ୍କର ସେବାକାର୍ଯ୍ୟ ! ଦୟାକରି ଈଶ୍ୱରଙ୍କର ଗୌରବ ନିମନ୍ତେ ଏହା କରନ୍ତୁ ! ଆମେ ଅଧିକ ପାଠକ ଆବଶ୍ୟକ କରୁ !**

ଦୟାକରି ତଳେ ଆପଣମାନଙ୍କ ବନ୍ଧୁ ଓ ଆତ୍ମିୟଙ୍କ ମଧ୍ୟରୁ ଅନ୍ତତଃ ୧୦ଟି ନାମ, ଠିକଣା, ଇ-ମେଲ ଯୋଗାଯୋଗ ଓ ଫୋନ ନମ୍ବର ଲେଖନ୍ତୁ । ଆମେ ପ୍ରତ୍ୟେକ ମାସ ଆପଣଙ୍କଠାରୁ ଏକ ଉପହାର ଭାବରେ ସେମାନଙ୍କ ନିକଟକୁ **"ଆହ୍ୱାନର ପ୍ରତିଧ୍ୱନି"** ପତ୍ରିକା ପ୍ରେରଣ କରିବୁ ।

୧. ______________________________

______________________________

୨. ______________________________

______________________________

୩. ______________________________

______________________________

୪. ______________________________

______________________________

୫. ______________________________

______________________________

୬. ______________________________

______________________________

୭. ______________________________

______________________________

(ଦୟାକରି, ଅଧିକ ଠିକଣା ପାଇଁ ଅତିରିକ୍ତ କାଗଜ ବ୍ୟବହାର କରନ୍ତୁ । ଈଶ୍ୱର ଆପଣମାନଙ୍କୁ ପୁରସ୍କୃତ କରିବେ !)


# NEHEMIAH BIBLE COLLEGES Estd.:1992

## ECHO OF HIS CALL MINISTRIES (ESTD.: 1969)

Recognised by the International Christian Leaders & Senior Pastors for the 50 Years!

Applied for ATA accreditation



**RESIDENTIAL COLLEGE, Velachery**
**(Medium: English & Hindi)**
Course : Certificate Course / Diploma in Theology
Qualification : 10th Standard

**EVENING COLLEGE, Chepauk & Santhoshapuram**
**(Medium : Tamil)**
**Course** : Certificate Course / Diploma in Theology
*Monday, Tuesday & Thursday at 6.30 p.m. to 8.30 p.m.*
(Evening Classes - Chepauk)
Qualification : 10th Standard

C.Th. - One Year
D.Th. - Two Years

Golden Opportunity!
Don't miss!!
God is Calling you!!!

Classes Start on : 01-08-2021

For more Details & Application Forms Please Contact:
**Pastor S. Sam Selva Raj,** Founder - President
**Nehemiah Bible College**
10, Mohammed Abdullah 2nd Street, Bells Road, Opp. Cricket Stadium, Chepauk, Chennai - 600 005, India.
Phone : (+91-44) 2852 8282, 2852 9293, 2854 7766, Cell No : (+91) 98410 71852 95661 31858
E.Mail : sam@echoofhiscall.org / biblecor@yahoo.co.in Website : www.echoofhiscall.org / www.echoofhiscall.com



# ଗର୍ତ୍ତରୁ ରାଜପ୍ରାସାଦ (PIT TO PALACE)

(ପାଳକ. ଏସ୍. ସାମ୍. ସେଲ୍ଭା ରାଜ୍‌ଙ୍କ ଜୀବନାନୁଭୂତି)

''ଯେ ପାଠ କରେ, ସେ ବୁଝୁ'' (ମାଥିଉ ୨୪:୧୫)

''ଅନନ୍ତର ଇସ୍‌ହାକ୍ ସେହି ଦେଶରେ କୃଷି କର୍ମ କରି ସେହି ବର୍ଷ ଶହେ ଗୁଣ ଲାଭ କଲେ, ପୁଣି ସଦାପ୍ରଭୁ ତାଙ୍କୁ ଆଶୀର୍ବାଦ କଲେ'' (ଆଦି ୨୬:୧୨) ।

**''ପୀଡ଼ିତମାନଙ୍କୁ ସୁସ୍ଥ କର, ମୃତମାନଙ୍କୁ ଉଠାଅ, କୁଷ୍ଠୀମାନଙ୍କୁ ଶୁଚି କର, ତୁମ୍ଭେମାନେ ବିନା ମୂଲ୍ୟରେ ପାଇଅଛ, ବିନା ମୂଲ୍ୟରେ ଦାନ କର'' (ମାଥିଉ ୧୦:୮) ।**

ଏଇ ନିକଟରେ ଜଣେ ନୈଷ୍ଠିକ ଅଣ-ଖ୍ରୀଷ୍ଟିଆନ ଯୁବକ ମୋ' ନିକଟକୁ ଆସି କହିଲେ ଯେ ତାଙ୍କର ୪୦ ବର୍ଷ ବୟସ୍କା ମା' ଦୀର୍ଘ ଦିନରୁ ଏକ ଗୁରୁତର ରୋଗ ଭୋଗୁଛନ୍ତି ଓ ତାଙ୍କ ପାଇଁ ଗ୍ରହଣ କରାଯାଇ ଥିବା ସମସ୍ତ ପ୍ରକାର ଆଧ୍ୟାତ୍ମିକ ଓ ଡାକ୍ତରୀ ପ୍ରଚେଷ୍ଟା ବିଫଳ ହୋଇଯାଇଛି । ସେ ଆହୁରି ମଧ୍ୟ କହିଥିଲେ ଯେ ତାଙ୍କଠାରେ କୌଣସି ଔଷଧ ଓ ଅସ୍ତ୍ରୋପଚାର କାର୍ଯ୍ୟ ନ କରିବାରୁ ଡାକ୍ତରମାନେ ସମସ୍ତ ଆଶା ପରିତ୍ୟାଗ କରିଥିଲେ ଖର୍ଚ୍ଚ କରିବା ପାଇଁ ସେମାନଙ୍କ ନିକଟରେ ଆଉ ଅଧିକ ଅର୍ଥ ମଧ୍ୟ ନ ଥିଲା । ମାତ୍ର ତାଙ୍କ ମା'ଙ୍କର କଷ୍ଟ ଦିନକୁ ଦିନ ବଢୁଥିଲା । ତାଙ୍କ ସହିତ ଡାକ୍ତରଖାନାକୁ ଯାଇ ତାଙ୍କ ମା'ଙ୍କ ପାଇଁ ପ୍ରାର୍ଥନା କରିବା ନିମନ୍ତେ ସେହି ଯୁବକ ମୋତେ ଅନୁରୋଧ କରିଥିଲେ ।

ଯଦିଓ ମୁଁ ମୋର ପ୍ରଚାର କାର୍ଯ୍ୟରେ ଅତି ବ୍ୟସ୍ତ ଥିଲି, ତଥାପି ମୁଁ ସମୟ ବାହାର କରି ଡାକ୍ତର ଖାନାକୁ ଗଲି । ସେ ଅତି ଗୁରୁତର ଅବସ୍ଥାରେ ଥିବାରୁ, ମୋତେ ୱାର୍ଡ ଭିତରକୁ ଯିବା ପାଇଁ ମୋତେ ଅନୁମତି ମିଳିଲା ନାହିଁ । ସେଥିପାଇଁ ମୁଁ ତାଙ୍କର ଆତ୍ମିୟମାନଙ୍କୁ କହିଲି ଯେ ମୁଁ ମୋ' ଗୀର୍ଜ୍ଜା ଗୃହ ଭିତରୁ ପ୍ରାର୍ଥନା କରିବି । ମାତ୍ର ସେମାନେ ମୋତେ ସେହି ସ୍ଥାନରୁ ଛାଡ଼ିଲେ ନାହିଁ ଓ ଗୋଟିଏ ଛୋଟ ପିଲା ପରି କାନ୍ଦି କାନ୍ଦି ସେହି ସ୍ଥାନରେ ହିଁ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ଦୟା ନିମନ୍ତେ ପ୍ରାର୍ଥନା କରିବା ପାଇଁ ମୋତେ ବାଧ୍ୟ କଲେ । ସ୍ୱର୍ଗୀୟ ପିତାଙ୍କର ଯେପରି ଏକ ବିଶେଷ ସୁସ୍ଥତାର ସ୍ପର୍ଶ ରହିବ, ଏଥିନିମନ୍ତେ ସେମାନେ ବିନତି କରିବାରେ ଲାଗିଲେ ।

ଶେଷରେ, ମୁଁ ସେମାନଙ୍କ କଥା ମାନିଲି ଓ ସେମାନଙ୍କୁ ଗୋଟିଏ ସ୍ଥାନକୁ ଡାକି ପ୍ରଭୁଙ୍କଠାରୁ ସାହସ ପ୍ରାପ୍ତ ହେଲି ଓ ବିପଦ, ସମସ୍ୟା ଓ କ୍ଲେଶ ସମୟରେ ପ୍ରଭୁ ଯୀଶୁ ଖ୍ରୀଷ୍ଟ ମନୁଷ୍ୟ ଜୀବନରେ ଯାହା କରିପାରନ୍ତି, ତାହା ସେମାନଙ୍କୁ ଜଣାଇଲି । ଆମେ ସେହି ମହିଳାଙ୍କର ସୁସ୍ଥତା ନିମନ୍ତେ ଏକତ୍ର ପ୍ରାର୍ଥନା କଲୁ । ଆମର ପ୍ରାର୍ଥନା ସମାପ୍ତ ହେବା ଓ ଆମେ ଚକ୍ଷୁ ଖୋଲିବା ମାତ୍ରେ ଅତିଶୀଘ୍ର, ଜଣେ ବ୍ୟକ୍ତି ନିଜର ଡାକ୍ତରୀ ସହକାରୀଙ୍କ ସହିତ ଆମ ଆଡ଼କୁ ଆସୁଥିବାର ମୁଁ ଦେଖିଲି । ସେ ମୋ' ନିକଟକୁ ଆସି ମୋ' ସହିତ ହାତ ମିଳାଇଲେ ଓ ଏହା ମନେ ପକାଇଲେ ଯେ ତାଙ୍କର ପୁତ୍ର ୧୫ ବର୍ଷ ପୂର୍ବେ ମୋର ପ୍ରାର୍ଥନା ମାଧ୍ୟମରେ ଗୋଟିଏ ଅଦ୍ଭୁତ ରୋଗରୁ ସୁସ୍ଥତା ଲାଭ କରିଥିଲା । ଏହାପରେ ମୁଁ କାହିଁକି ଏହି ଲୋକମାନଙ୍କ ଭିତରେ ଠିଆ ହୋଇଛି ବୋଲି ସେ ପଚାରିଲେ ।

ମୁଁ ସେହି ମହିଳାଙ୍କର ଆଶୁ ଆବଶ୍ୟକତା ବିଷୟରେ କହିଲି ଯିଏ ନିଜ ଜୀବନ ପାଇଁ ସଂଘର୍ଷ କରୁଥିଲେ । ସେ ଉତ୍ତର ଦେଲେ, ''ଭାଇ ସାମ୍, ମୁଁ ଏହି ବିଭାଗର ମୁଖ୍ୟ ଡାକ୍ତର ଅଟେ । ଆପଣଙ୍କର ରୋଗୀ ମୋର ସହକର୍ମୀମାନଙ୍କ ଚିକିତ୍ସା ଅଧୀନରେ ଅଛନ୍ତି । ମୁଁ ବର୍ତ୍ତମାନ ବ୍ୟକ୍ତିଗତ ଭାବରେ ଯାଇ ଆବଶ୍ୟକୀୟ କାର୍ଯ୍ୟ କରିବି ଓ ତାଙ୍କର ସୁସ୍ଥତା ପାଇଁ ତାଙ୍କୁ ଯଥାର୍ଥ ଚିକିତ୍ସା ଦିଆଯାଉଛି କି ନାହିଁ, ତାହା ଦେଖିବି ।'' ଦୃଢ଼ ବିଶ୍ୱାସର ସହିତ ସେହି ସ୍ଥାନରୁ ଯିବା ପାଇଁ ସେ ମୋତେ ଅନୁରୋଧ କରିଥିଲେ ।

ଏହାର କିଛି ଦିନ ପରେ ସେହି ମହିଳାଙ୍କର ଆତ୍ମିୟମାନେ ଏହି ସୁସମ୍ବାଦ ସହିତ ଆସିଥିଲେ ଯେ ତାଙ୍କଠାରେ ଏକ ସଫଳ ଅସ୍ତ୍ରୋପଚାର ହୋଇଥିଲା ଓ ଅଧିକ ଚିକିତ୍ସା କରାଯିବା ପରେ ସେ ସୁସ୍ଥ ହୋଇ ଯାଇଥିଲେ । ଈଶ୍ୱର ଆମର ପ୍ରାର୍ଥନା ଶୁଣିଥିଲେ ଓ ତାଙ୍କୁ ଆବଶ୍ୟକୀୟ ଚିକିତ୍ସା ଯୋଗାଇ ଦେବା ପାଇଁ ଜଣେ ଉପଯୁକ୍ତ ବ୍ୟକ୍ତିଙ୍କୁ ପ୍ରେରଣ କରିଥିଲେ । ସେମାନେ ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କ ନାମରେ ପାଇଥିବା ଆଶୀର୍ବାଦ ପାଇଁ ବିଶ୍ୱସ୍ତ ଓ ଧନ୍ୟବାଦୀ ଥିଲେ ।

ପ୍ରିୟ ପାଠକ, ସେହି ସମାନ ଈଶ୍ୱର ଆଜି ଆପଣଙ୍କ ପାଇଁ ମଧ୍ୟ ଉପଲବ୍ଧ ଅଟନ୍ତି । ତାଙ୍କ ନିକଟରେ ଆପଣଙ୍କ ମାର୍ଗ ସକଳ ସମର୍ପଣ କରନ୍ତୁ ଓ ଆପଣଙ୍କର ଈଶ୍ୱର ଓ ତ୍ରାଣକର୍ତ୍ତା ଭାବରେ ତାଙ୍କୁ ସ୍ୱୀକାର କରନ୍ତୁ । ସେ ଆପଣଙ୍କୁ ସାନ୍ତ୍ୱନାବିହୀନ କରି ଛାଡ଼ିବେ ନାହିଁ । ସେ ନିଶ୍ଚୟ ଆପଣଙ୍କ ନିକଟକୁ ଆସି ଆପଣଙ୍କର ଯତ୍ନ ନେବେ (ଯୋହନ ୧୪:୧୮) । ଈଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ ।

***''ଯେ ଜ୍ଞାନବାନ୍, ସେ ଏହିସବୁ ବିଷୟରେ ମନୋଯୋଗ କରିବ'' (ଗୀତ ୧୦୭:୪୩) ।***

''...ତୁମ୍ଭମାନଙ୍କ ଦୁଃଖ ଆନନ୍ଦରେ ପରିଣତ ହେବ'' (ଯୋହନ ୧୬:୨୦) ।

''... କାରଣ ସଦାପ୍ରଭୁ ତୁମ୍ଭଠାରେ ଆନନ୍ଦ କରନ୍ତି'' (ଗୀତସଂହିତା ୧୪୯:୪) ।

**NEHEMIAH BIBLE COLLEGE**
CHENNAI.

**WARDEN WANTED**

We need a Hindi and English knowing Theologian to work in our Nehemiah Residential Bible College as **Warden.** Salary, Boarding and Lodging will be provided.

Please contact:
**Pr. Sam Selva Raj.**
Cell : 98412 71858 / 98410 71858
E.mail : sam@echoofhiscall.org

RNI NO. 70105/98, Postal Regn. No. TN/CH (C)/198/21-23 WPP NO. TN/PMG(CCR)/WPP-265/21-23

ମାତ୍ର ଯେତେବେଳେ ତାଙ୍କୁ କେବଳ ୩୩ ବର୍ଷ ବୟସ ହୋଇଥିଲା, ସେତେବେଳେ ତାଙ୍କ ବିରୁଦ୍ଧରେ ପ୍ରବଳ ଜନମତ ଉଠିଲା ଓ ତାଙ୍କର ବନ୍ଧୁମାନେ ତାଙ୍କୁ ପ୍ରତ୍ୟାଖ୍ୟାନ କରିଥିଲେ ।

ତାଙ୍କୁ ବନ୍ଦୀ କରାଯିବା ପରେ, ଲୋକମାନେ ତାଙ୍କ ସହିତ କୌଣସି ସଂପର୍କ ରଖିବାକୁ ଇଚ୍ଛା କରି ନ ଥିଲେ । ବିଚାର ପରେ, ରାଷ୍ଟ୍ର ତାଙ୍କୁ ଚୋରମାନଙ୍କ ସହିତ ମୃତ୍ୟୁଦଣ୍ଡ ଦେଇଥିଲେ । କେବଳ ଜଣେ ଉଦାର ବନ୍ଧୁ ଗୋଟିଏ ସମାଧି ସ୍ଥଳ ଯୋଗାଇ ଦେଇଥିବାରୁ, ତାଙ୍କର ସମାଧି ନିମନ୍ତେ ଗୋଟିଏ ସ୍ଥାନ ମିଳିଥିଲା । ଏହି ଘଟଣାଗୁଡ଼ିକ ୨୦ ଶତାବ୍ଦୀ ପୂର୍ବେ ଘଟିଥିଲା ଓ ଆଜି ପର୍ଯ୍ୟନ୍ତ ସେ ମାନବ ଜାତି ଭିତରେ ଏକ ମୁଖ୍ୟ ବ୍ୟକ୍ତି ଓ ଚରମ ପ୍ରେମର ଏକ ଦୃଷ୍ଟାନ୍ତ ହୋଇ ରହିଛନ୍ତି ।

ବର୍ତ୍ତମାନ ଏହା କହିବା ଅତି ରଞ୍ଜିତ ନୁହେଁ ଯେ ପୃଥିବୀରେ ଯେତେ ସବୁ ସୈନ୍ୟବାହିନୀ ଅଗ୍ରସର ହୋଇଛନ୍ତି, ଯେତେ ସବୁ ନୌବାହିନୀ ସମୁଦ୍ର ଯାତ୍ରା କରିଛନ୍ତି, ଯେତେ ସବୁ ରାଜା ରାଜତ୍ୱ କରିଛନ୍ତି ଓ ଯେତେ ସବୁ ଶାସକ ଶାସନ କରିଛନ୍ତି – ସମସ୍ତଙ୍କୁ ଯଦି ଏକତ୍ରିତ କରାଯିବ, ତେବେ ସୁଦ୍ଧା ସେମାନେ ପୃଥିବୀସ୍ଥ ଲୋକମାନଙ୍କ ଜୀବନ ଉପରେ ସେପରି ପ୍ରଭାବ ପକାଇ ନାହାଁନ୍ତି, ଯେପରି ଏକ ନିଃସଙ୍ଗ ଜୀବନ ପ୍ରଭାବ ପକାଇଅଛି ।

ବୃତ୍ତି ହିସାବରେ ପାପୀ ଦେଖାଯାନ୍ତି, ସେମାନେ ଧର୍ମର ମହା ବାହ୍ୟ ଆଡମ୍ବର ଦେଖାଉଥିବା ଲୋକମାନଙ୍କ ଅପେକ୍ଷା ସ୍ୱର୍ଗ ରାଜ୍ୟର ଅଧିକ ନିକଟବର୍ତ୍ତୀ ଥାଆନ୍ତି ।

ଆମେ ଆମର ଆଜିର ସଂସ୍କୃତି ପ୍ରତି ଏହି ଚିନ୍ତାଧାରା ପ୍ରୟୋଗ କରିବା ସମୟରେ, ଏହା ଆବିଷ୍କାର କରିବା ଯେ ଜୀବନ ପ୍ରତି ପ୍ରୟୋଗ ଉପରେ ଗୁରୁତ୍ୱ ତାହା ଅଟେ ଯାହା ଆମେ ଶୁଣିବା ଆବଶ୍ୟକ । ଆଜିର ଧର୍ମବିହୀନ ଜଗତରେ, ଯୋଗ୍ୟତାର ପ୍ରମାଣପତ୍ର ଉପରେ ଅତ୍ୟଧିକ ଗୁରୁତ୍ୱ ଦିଆଯାଉଛି । ଯୀଶୁ ପ୍ରମାଣ ପତ୍ରଗୁଡ଼ିକର ବିରୋଧୀ ନ ଥିଲେ, ମାତ୍ର ଏଠାରେ ସେ ଆମକୁ ସ୍ମରଣ କରାଇ ଦେବାକୁ ଇଚ୍ଛା କରିଥିଲେ ଯେ ଆବଶ୍ୟକତଃ, ପ୍ରମାଣ ପତ୍ରଗୁଡ଼ିକ ଯୋଗ୍ୟତା ନୁହଁନ୍ତି । ପ୍ରମାଣ ପତ୍ରଗୁଡ଼ିକ କହନ୍ତି ଯେ ଆମେ ଯୋଗ୍ୟ ଅଟୁ, ମାତ୍ର ଶେଷରେ ଆମର କାର୍ଯ୍ୟ ହିଁ ଆମେ ଯୋଗ୍ୟ ଅଟୁ ବୋଲି ପ୍ରଦର୍ଶନ କରେ । ସେଥିପାଇଁ ଗୋଟିଏ ଉତ୍ତମ ପ୍ରମାଣ ପତ୍ର ସମ୍ବନ୍ଧୀୟ ଲେଖା କେବଳ ଆମର ପ୍ରମାଣ ପତ୍ର ଗୁଡ଼ିକର ତାଲିକା ନୁହେଁ, ମାତ୍ର ଆମେ ଯୋଗ୍ୟ ଅଟୁ ବୋଲି ମଧ୍ୟ ଏହା କହେ ଓ ତତ୍ ସଙ୍ଗେ ସଙ୍ଗେ ଆମର ‘‘ପୂର୍ବ ଅଭିଜ୍ଞତା’’ ପ୍ରକାଶ କରେ ଯାହା ଆମର ପ୍ରକୃତ ସତ୍ତା କିମ୍ବା ସ୍ଥିତିକୁ ପ୍ରମାଣ କରେ । ଆନୁଷ୍ଠାନିକ ଖ୍ରୀଷ୍ଟଧର୍ମ ବିଶ୍ୱାସ, ସଂପ୍ରଦାୟ ଓ ଧର୍ମତତ୍ତ୍ୱ ଉପରେ ଅତ୍ୟଧିକ

‘‘ପ୍ରଭୁ, ପ୍ରଭୁ’’ ବୋଲି କହିବେ, ମାତ୍ର ସେ ସେମାନଙ୍କୁ ଆଦୌ ଜାଣି ନାହାନ୍ତି ଓ ସେମାନେ ପିତାଙ୍କର ଇଚ୍ଛା ସାଧନ କରି ନାହାନ୍ତି ବୋଲି କହିବେ । ସେ ଏହା କହି ତାଙ୍କର ପାର୍ବତ୍ୟ ଉପଦେଶ ଶେଷ କରିଥିଲେ ଯେ କାର୍ଯ୍ୟ ବିନା କେବଳ ସ୍ୱୀକାର (ବିଶ୍ୱାସ) ଏକ ମୂଳଦୁଆ ବିହୀନ ଗୃହ ସଦୃଶ ଅଟେ, ମାତ୍ର ସ୍ୱୀକାର ସହିତ କାର୍ଯ୍ୟ ଏକ ଦୃଢ଼ ପ୍ରସ୍ତର ଉପରେ ନିର୍ମିତ ଏପରି ଗୃହ ସଦୃଶ ଅଟେ ଯାହା ଜୀବନର ଝଡ଼ ସମ୍ମୁଖରେ ସ୍ଥିର ଭାବରେ ଦଣ୍ଡାୟମାନ ହୋଇ ରହେ ।

ଯୀଶୁ ଜଣେ ଶ୍ରେଷ୍ଠ ଗୁରୁ ଥିଲେ ଓ ସେ ଶିକ୍ଷା ଉପରେ ଗୁରୁତ୍ୱ ଦେଉଥିଲେ । ଆମେ ପୂର୍ବରୁ ଦର୍ଶାଇ ଥିଲୁ ଯେ ଏହି ସୁସମାଚାରଗୁଡ଼ିକ ମଧ୍ୟରୁ ଏକ ତୃତୀୟାଂଶରେ ଯୀଶୁଙ୍କର ଶିକ୍ଷା ରହିଛି । ସେଥିପାଇଁ ସେ ଏହା ଅନୁଭବ କରିଥିଲେ ଯେ ଆମେ ଯାହା ବିଶ୍ୱାସ କରୁ, ତାହା ଗୁରୁତ୍ୱପୂର୍ଣ୍ଣ ଅଟେ । ଅନ୍ୟ ଭାଷାରେ, ସେ ରାଜ୍ୟର ପ୍ରସାର ଉପରେ ଅତ୍ୟଧିକ ଗୁରୁତ୍ୱ ଦେଇଥିଲେ । କିନ୍ତୁ ଏଠାରେ ତାଙ୍କର ମୁଖ୍ୟ ବିଷୟ ଏପରି ମନେହୁଏ ଯେପରି କାର୍ଯ୍ୟ ବିନା କେବଳ ମୁଖରେ ସ୍ୱୀକାର ବାକ୍ୟ ପ୍ରସାରର ବିକୃତି କରଣ ଅଟେ ।

★★★


# ECHO OF HIS CALL

**Monthly magazines in 16 languages, Bible Colleges, Postal Courses, Church Planting, Village English High School, Gospel Printing Press, Crusades, Seminars, Social Services, etc.**

**Annual Subscription : Rs. 100/-** **Life Subscription : Rs. 2000/-**

The multifarious activities of **Echo of His Call Ministries** is supported by the free-will offerings and donations of the God's Children like you. You may support **Echo of His Call** and its activities as the Lord leads you. We need your help to send forth the Gospel to the unreached people and plant Churches.

If you would like to receive **ECHO OF HIS CALL** magazines regularly, please write to us. `Whenever you change your postal or E.mail addresses, please do inform us your old and new addresses.

**Echo of His Call** is available in 16 languages in our websites also. You can read them by going into the site as well as downloading them and get blessed.

Your letters, prayer requests and your financial helps (**Money Orders, Cheques or Demand Drafts, NEFT, PayPal (Sam Selva Raj, sam@echoofhiscall.org) PhonePe (98410 71858), Gpay (98410 71858), Western Union, MoneyGram**) to **ECHO OF HIS CALL** may please be sent to the address below.

Please send your **Land Phone / Mobile Phone Numbers and E.mail addresses** for updation.



**ECHO OF HIS CALL,** 10, Mohammed Abdullah 2nd Street, Chepauk, Chennai - 600 005, India
PH: (+91-44) 2852 8282, 2852 9293, 2854 7766, Cell: (+91) 98410 71852, 95661 31858 / E.mails: sam@echoofhiscall.org / biblecor@yahoo.co.in / Websites: www.echoofhiscall.org / www.echoofhiscall.com


**YOU CAN SEND YOUR DONATIONS BY ONLINE ALSO**


Regd. with the RNI No. 70105/98
Licenced to post without pre-payment
Postal Regn. No. TN/CH (C) /198/21-23
Licence No. WPP. No. TN/PMG(CCR)/WPP-265/21-23
Date of Publication: Third week of every month
Date of Posting : 17th & 18th of every month
Posted at "Egmore RMS / 1 Patrika Channel"
on 18th JUNE 2021.
If un-delivered please return to:
ECHO OF HIS CALL (ODIA)
P.O. Box No. 2957, Chepauk, Chennai - 600 005, INDIA.
Phone: (+ 91- 44) 2852 8282, 2852 9293, 2854 7766


*JESUS LOVES YOU!*

To

*GOD BLESS YOU!*

Owned and published by **S. Sam Selva Raj** from 18, Mohammed Abdullah Street, Chepauk, Chennai-600 005 and printed by him at **Echo of His Call Printers** 18, Mohammed Abdullah Street, Chepauk, Chennai-600 005. Editor: **S. Sam Selva Raj.**